**ଆଜି କ'ଣ କେଉଁଠି**

ସିମୁଳିଆ
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, କହ୍ନେଇବିନ୍ଧା ଦଶଭୁଜା ସରକାରୀ ମାଧ୍ୟମିକ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର ଜିଲା ଫୁଟବଲ ଲିଗ୍ ଫକୀରମୋହନ କ୍ଲବ ବିଜୟୀ



**ବାଲେଶ୍ୱର ଅଫିସ, ୩୦।୭:** ବାଲେଶ୍ୱର ଜିଲା କ୍ରୀଡା ସଂଘ ଆନୁକୂଲ୍ୟରେ ଜିଲା ଫୁଟବଲ୍ ଲିଗ୍-୨୦୧୯ ମଙ୍ଗଳବାର ଫକୀରମୋହନ କ୍ଲବ ଓ ଗନରର୍ସ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଫକୀରମୋହନ କ୍ଲବର ରାଇସନ ହେମ୍ବ୍ରମ ୧୫ ମିନିଟ୍‌ରେ ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ କୁମାର ହେମ୍ବ୍ରମ ଖେଳର ୩୦ ମିନିଟ୍‌ରେ ପୁଣି ଗୋଟିଏ ଗୋଲ ଦେଇଥିଲା ବେଳେ ଗନରର୍ସ୍ କ୍ଲବ ଦଳର ବୁଦ୍ଧିରାମ ବିଶ୍ୱାଳ ଖେଳର ୩୫ ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଏହାଦ୍ୱାରା ଫକୀରମୋହନ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଥିଲେ। ମ୍ୟାଚକୁ ପ୍ରଦୀପ କୁମାର ଦାସ, ଅଶୋକ କୁମାର, ସେକ୍ ଅବଦୁଲ ମଜିଦ ଓ କାର୍ତ୍ତିକ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ବୁଧବାର ଖେଳ ଷ୍ଟାର କ୍ଲବ ଓ ମାରାଂବୁରୁ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି।

## ରାତିଅଧିଆ ଚଢାଉ: ବାଲି ଓ ଚିପ୍ସ ବୋଝେଇ ୪ ଗାଡ଼ି ଜବତ

**ବସ୍ତା, ୩୦।୭(ସ୍ୱ.ପ୍ର.):** ବାଲେଶ୍ୱର ଜିଲାରେ ଦିନକୁ ଦିନ ଚୋରା ବାଲି ଓ ଚିପ୍ସ ଚାଲାଣ ବଢିଚାଲିଛି। ବିଭିନ୍ନ ନିର୍ମାଣ କାମ ଲାଗି ବାଲି ଓ ଚିପ୍ସର ଚାହିଦା ଥିବାରୁ ବେପାରୀମାନେ ରାତି ସମୟରେ ଏହାକୁ ଚୋରାଚାଲାଣ କରି ଫାଇଦା ଉଠାଉଛନ୍ତି। ଏଭଳି ସୂଚନାକୁ ଆଧାର କରି ସୋମବାର ରାତି ଅଧରେ ତହସିଲ ପ୍ରଶାସନ ଚଢାଉ କରି ୨ଟି ଟ୍ରାକ୍ଟର ଓ ୨ ଟି ଟ୍ରକ ଜବତ କରିଛି।

ବସ୍ତା ତହସିଲଦାର ନରେନ୍ଦ୍ର ଖମାରୀ, ଅତିରିକ୍ତ ତହସିଲଦାର ମୋହିନୀ କୁମାର ନାୟକଙ୍କ ସମେତ ରାଜସ୍ୱ ବିଭାଗ କର୍ମଚାରୀ ସ୍ଥାନୀୟ ପୋଲିସ ସହାୟତାରେ ରାତି ପ୍ରାୟ ୩ଟା ସମୟରେ ସିଂଲା ଥାନା ଅନ୍ତର୍ଗତ କାଦରାୟାଁ ଅଞ୍ଚଳରେ ଚଢାଉ କରିଥିଲେ। ସେଠାରୁ ପ୍ରଥମେ ବାଲି ବୋଝେଇ କରି ନେଉଥିବା ୨ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ଚଢାଉକାରୀ ଦଳି କାଦରାୟାଁରୁ ଫେରୁଥିବା ସମୟରେ ଭେଲୋରା ନିକଟରେ ଅନ୍ୟ ଦୁଇଟି ଚିପ୍ସ ବୋଝେଇ ଟ୍ରକକୁ ଦେଖି ତାହାକୁ ଅଟକ ରଖି କାଗଜପତ୍ର ଯାଞ୍ଚ କରିଥିଲେ। ଟ୍ରକ ଚାଳକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ସେହି ଚିପ୍ସ ବୋଝେଇ ଟ୍ରକ ଦ୍ୱୟକୁ ତହସିଲଦାର ଜବତ କରିଥିଲେ। ଏଭଳି ରାତିଅଧିଆ ଚଢାଉ ଚୋରା ଚାଲାଣକାରୀଙ୍କ ମଧ୍ୟରେ ଛନକା ସୃଷ୍ଟି କରିଛି।

## ଜେଲ ଗଲେ ମୋବାଇଲ ଲୁଟେରା

**ନୀଳଗିରି/ସଜନାଗଡ, ୩୦।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ନରସିଂହପୁର ଗାଁରୁ ଗିରଫ ମୋବାଇଲ ଲୁଟେରା ବଳରାମ ମଳିକ (୨୧) ଙ୍କୁ ପୋଲିସ ମଙ୍ଗଳବାର କୋର୍ଟରେ ହାଜର କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବଳରାମଙ୍କ ଘର ଖନ୍ତାପଡା ଥାନା ଜୟପୁର ଗାଁରେ। ତାଙ୍କଠାରୁ ଲୁଟ ମୋବାଇଲ ସହ ଏକ ବାଇକ ଜବତ କରାଯାଇଛି। ଗତ ସୋମବାର ସନ୍ଧ୍ୟାରେ ଘାଟଘରସାହୀ ଗାଁର ଜଗବନ୍ଧୁ ବେହେରା ନୀଳଗିରି -ଉଦଳା ରାସ୍ତାରେ ଛିଡା ହୋଇ ମୋବାଇଲରେ କଥା ହେଉଥିବା ବେଳେ ଅଭିଯୁକ୍ତ ଯୁବକ ବାଇକରେ ଆସି ତାଙ୍କ ହାତରୁ ମୋବାଇଲ ଲୁଟିନେଇ ଦ୍ରୁତଗତିରେ ପଳାଇ ଯାଉଥିଲେ। ଜଗବନ୍ଧୁଙ୍କ ପାଟିଶୁଣି ରାସ୍ତାରେ ଯାଉଥିବା ବାଟୋଇ ଓ ପୋଲିସ ପିଛାକରି ଅଭିଯୁକ୍ତଙ୍କୁ ନରସିଂହପୁର ଗାଁ ନିକଟରେ କାବୁ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୭୦/୧୯) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ବେପରୁଆ ଗାଡ଼ି ଚାଳନା ଉପରେ କଟକଣା

## ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ଦୁର୍ଘଟଣା ସୂଚନା

**ବାଲେଶ୍ୱର ଅଫିସ, ୩୦।୭**

ବଲେଶ୍ୱର ଜିଲା ପ୍ରକଳ୍ପ ଉନ୍ନୟନ ଅଧିକାରୀଙ୍କ ସଭାଗୃହରେ ମଙ୍ଗଳବାର ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତା କରି ବେପରୁଆ ଗାଡ଼ି ଚାଳନା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିନା ହେଲମେଟରେ ବାଇକ୍ ଚଳାଇବା, ବିକୃତ ଶବ୍ଦଯୁକ୍ତ ସାଇଲେନ୍ସର ବ୍ୟବହାର, ଚିତ୍ରିତ ନମ୍ବର ପ୍ଲେଟ ନିମନ୍ତେ ଏଣିକି ଅର୍ଥଦଣ୍ଡରେ ଦଣ୍ଡିତ କରାଯିବ।

୨୦୧୮ ଜାନୁୟାରୀରୁ ଜୁନ୍ ମଧ୍ୟରେ ୨୪୯ଟି ଦୁର୍ଘଟଣାରେ ୧୨୩ଜଣଙ୍କ ପ୍ରାଣହାନି ଘଟିଛି। ୨୦୧୯ରେ ସେହି ୬ମାସ ମଧ୍ୟରେ ୨୫୩ଟି ଦୁର୍ଘଟଣା ଘଟି ୧୩୪ଜଣଙ୍କ ପ୍ରାଣହାନି ଘଟିଛି। ଦୁର୍ଘଟଣାରେ ୧.୬୦ ପ୍ରତିଶତ ବୃଦ୍ଧି ଘଟିଥିବା ସୂଚିତ କରାଯାଇଥିଲା। ସେହିପରି ଜୀବନହାନି ୮.୯୪ ପ୍ରତିଶତ ବୃଦ୍ଧି ଘଟିଛି। ସେଥିପାଇଁ ପୋଲିସ, ଆଞ୍ଚଳିକ ପରିବହନ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି। ଯୁଗ୍ମ ତଦନ୍ତ ଉପରାନ୍ତ କମିଟି ସେହି ସ୍ଥାନରେ କିପରି ପୁନର୍ବାର ଦୁର୍ଘଟଣା ସଙ୍ଘଠିତ ନ ହେବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରି ସୁପାରିଶ୍ କରିବେ। ଦୁର୍ଘଟଣା ସମ୍ପର୍କରେ ତୁରନ୍ତ ଖବର ପାଇବା, ପୀଡିତଙ୍କୁ ସେବା ଯୋଗାଇବାକୁ ପଦକ୍ଷେପ ତ୍ୱରିତ କରିବାକୁ ଆହୁରି ମଜବୁତ୍ କରିବା ପାଇଁ ହ୍ୱାଟସ୍ ଆପ୍ ଗ୍ରୁପ ଗଠନ କରିବାକୁ ଆରଟିଓଙ୍କୁ କୁହାଯାଇଛି। ବିଶେଷ ଭାବେ ଜାତୀୟ ରାଜପଥ ନିକଟରେ ଥିବା ଶିକ୍ଷାନୁଷ୍ଠାନ ଓ ମହାବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ୍ ନିୟମ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଇବା, ରାସ୍ତା ପାର୍ଶ୍ୱରେ ଟ୍ରାଫିକ ନିୟମ ଫଳକ ଲଗାଇବା, ଟୋଲ ଫ୍ରି ନମ୍ବର ହେଲା ୧୦୯୯ ବିଶିଷ୍ଟ ପାଟ୍ରୋଲିଂ ଯାନ ଏବଂ ଆମ୍ବୁଲାନ୍ସ ମୁତୟନ, ରାସ୍ତାର ଉନ୍ନତୀକରଣ ଆଣିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ଶେରଗଡଠାରେ ଥିବା ଟୋଲ୍‌ଗେଟର ଜରୁରୀକାଳୀନ ପ୍ରସ୍ଥାନ ଗେଟକୁ ସବୁବେଳେ ଜାମ୍ କରି ରଖୁଥିବା ପ୍ରକାଶ କରି ଏହାକୁ ଫ୍ରି କରିବାକୁ ତାଗିଦ୍ କରିଥିଲେ। ଏହାଛଡା କେତେକ ସ୍ଥାନରେ ରାସ୍ତାକଡରେ ଗତ ଫନୀ ସମୟରେ ଉପୁଡି ପଡିଥିବା ଗଛର ଗଣ୍ଡିଗୁଡିକ ପଡି ରହି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଥିବାରୁ ସେଗୁଡିକୁ ତୁରନ୍ତ ଅପସାରଣ କରିବାକୁ ପଦକ୍ଷେପ ନେବାକୁ କୁହାଯାଇଛି। ସହର ମଧ୍ୟରେ ରୋଡ ମାର୍କିଂ କରାଯିବା ଏବଂ ବିଦ୍ୟୁତ ଖୁଣ୍ଟଗୁଡିକୁ ହଟାଯିବା ଉପରେ ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ଉପଜିଲାପାଳ ନୀଲୁ ମହାପାତ୍ର, ସିଡିଏମ୍‌ଓ ଡା.ଦୁଲାଳସେନ ଜଗଦେବ, ଆରଟିଓ ବିକାଶ ଚୌଧୁରୀଙ୍କ ସମେତ ବିପ୍ଳବ ମହାନ୍ତି, ରବି ରାଉତ, ଶିବ ପ୍ରସାଦ ଭୋଇ, ଟ୍ରକ ମାଲିକ ସଂଘର ସମ୍ପାଦକ ବାଦଲ ଦାସ, ବସ୍ ମାଲିକ ସଂଘ ସଭାପତି ମାଧବ ଚନ୍ଦ୍ର ମିଶ୍ରଙ୍କ ସମେତ ପ୍ରାୟ ୩୦ଜଣ ସଦସ୍ୟ ଯୋଗ ଦେଇଥିଲେ।

**ସଡକ ସୁରକ୍ଷା କମିଟି ବୈଠକ**



ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।



ପଢୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକ।

## ଶ୍ରମ ଆଇନ ସଂଶୋଧନକୁ ବିରୋଧ ଅଗଷ୍ଟ ୨ରେ ଦେଶବ୍ୟାପୀ ପ୍ରତିବାଦ

**ବାଲେଶ୍ୱର ଅଫିସ, ୩୦।୭**

କେନ୍ଦ୍ର ସରକାର ପ୍ରଚଳିତ ୪୪ ଶ୍ରମ ଆଇନକୁ ସଙ୍କୁଚିତ କରି ୪ଟି କୋଡରେ ପରିଣତ କରିବା ଦିଗରେ ୨ଟି କୋଡକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି। ଏହାକୁ ବିରୋଧ କରି ସୋମବାର ପଢୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ଏକ ମିଳିତ ବୈଠକ ସିଟୁଏସିସିର ସଭାପତି ପ୍ରଦୀପ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ସୂଚନା ପ୍ରଦାନ କରିବା ପରେ ଏଆଇଟିୟୁସିର ଭାଗବତ ପ୍ରତିହାରୀ, ସିଟୁର ନିକୁଞ୍ଜ ବସନ୍ତରାୟ, ଆଇଏନଟିୟୁର ଶାନ୍ତନୁ ଦାସ, ଏଚ୍‌ଏମ୍‌ଏସ୍‌ର ପୀତାମ୍ବର ମାଝି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଉକ୍ତ ଆଇନ ମଞ୍ଜୁର ହେଲେ ପରାଧୀନ ଭାରତର ଶ୍ରମିକ ଶ୍ରେଣୀ ବ୍ରିଟିଶ୍ ସରକାରଠାରୁ ହାସଲ କରିଥିବା ଅଧିକାର ଅପହୃତ ହେବା ସହ ଦେଶୀବିଦେଶୀ ପୁଞ୍ଜିପତିମାନେ ଶ୍ରମିକମାନଙ୍କୁ ଶୋଷଣ କରିବା ପାଇଁ ଖୋଲାବାଟ ପାଇବେ। ତେଣୁ ଏହା ବିରୋଧରେ ସମଗ୍ର ଦେଶରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ୫୬ଟି ସ୍ୱାଧୀନ ଫେଡେରେଶନ ଆସନ୍ତା ଅଗଷ୍ଟ ୨ତାରିଖରେ ସମସ୍ତ ଜିଲାର ସଦର ମହକୁମାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶ୍ରମ ଆଇନ ସଂକୁଚିତ କରି କୋଡ଼ରେ ପରିଣତ କରିବାର ପ୍ରୟାସରୁ ନିବୃତ୍ତ ରହିବାକୁ ଜିଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ। ବିଭିନ୍ନ ୟୁନିୟନଗୁଡ଼ିକର ପ୍ରତିନିଧି ଭାବେ ଶ୍ୟାମସୁନ୍ଦର ଜେନା, ନିର୍ମଳ ନାୟକ, ବିକାଶ ଦାସ, ରାମ ବେହେରା, ପଦ୍ମଲୋଚନ ନାୟକ, ସଚିନ୍ଦ୍ର ଦାସ, ଶ୍ୟାମସୁନ୍ଦର ନାଏକ, ପ୍ରେମରଞ୍ଜନ ପାତ୍ର, ରାଜେଶ ନାଏକ, ସଞ୍ଜୟ ପ୍ରଧାନ, ଜିତେନ୍ଦ୍ର ସେନାପତି, ହରେକୃଷ୍ଣ ବିନ୍ଧାଣୀ, ମାୟାଧର ନାୟକ, ଭରତ ସେଠୀ ଓ ଶରତ ଚନ୍ଦ୍ର ଦଳାଇ ପ୍ରମୁଖ ଅଗଷ୍ଟ ୨ ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବାଲେଶ୍ୱର ରେଳଷ୍ଟେଶନରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଦପ୍ତର ସମ୍ମୁଖରେ ପହଞ୍ଚିବ ଓ ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଦଳମତ ନିର୍ବିଶେଷରେ ସମସ୍ତ ଶ୍ରମଜୀବୀ ଏହି ପ୍ରତିବାଦ ଆନ୍ଦୋଳନରେ ଯୋଗଦେବାକୁ ବୈଠକରେ ଆହ୍ୱାନ ଦିଆଯାଇଛି।

# ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଘେରିଲେ ଏସ୍‌ଏଚ୍‌ଜି ମହିଳା

**ବାହାନଗା, ୩୦।୭(ଡି.ଏନ.ଏ.)**

ଋଣ ପ୍ରଦାନକୁ କେନ୍ଦ୍ରକରି ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ୟୁକୋ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ସୋମବାର କେତେକ ଏସ୍‌ଏଚ୍‌ଜି(ସ୍ୱୟଂ ସହାୟକ ଗୋଷ୍ଠୀ) ମହିଳା ଘେରିବା ସହିତ ବ୍ୟାଙ୍କ ସାମ୍ନାରେ ଧାରଣାରେ ବସିଥିଲେ। ଗୋପାଳପୁର ପଞ୍ଚାୟତର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ଶାଖା ପରିଚାଳକଙ୍କ ନିକଟକୁ ଯାଇ ଋଣ ଦିଆ ନ ଯିବାର କାରଣ ପଚାରିଥିଲେ। ଏନେଇ ଉଭୟ ଶାଖା ପରିଚାଳକ ଓ ସରପଞ୍ଚଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଗୋପାଳପୁର ଫାଣ୍ଡି ପୋଲିସ ପହଞ୍ଚି ମହିଳାଙ୍କ ସମେତ ସରପଞ୍ଚଙ୍କୁ ବୁଝାଶୁଝା କରି ଶାଖା ପରିଚାଳକଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନାରେ ମଙ୍ଗଳବାର ଜୋନାଲ ମ୍ୟାନେଜର ଆସିବା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ଶାଖା ପରିଚାଳକ କହିବା ପରେ ମହିଳାମାନେ ଶାନ୍ତ ହୋଇ ଫେରିଯାଇଥିଲେ। ଏହି ଘଟଣାକୁ ଗୁରୁତର ସହ ନେଇ ରାତିରେ ଜିଲା ୟୁକୋ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ହରମନ୍ ଆରୋର ଓ ଅତିରିକ୍ତ ରିଜିଓନାଲ ମ୍ୟାନେଜର ସୌମିତ୍ର ଦାସ ପ୍ରମୁଖ ପହଞ୍ଚି ସ୍ଥାନୀୟ ସରପଞ୍ଚ ଯୋଗେଶ ଚନ୍ଦ୍ର ପତିଙ୍କୁ ଡକାଇ ଆଲୋଚନା କରିଥିଲେ। ତେବେ ଆଲୋଚନାରେ ଚାଷ ସମୟରେ ସମସ୍ତ ଆବେଦନକାରୀଙ୍କୁ ପର୍ଯ୍ୟାୟକ୍ରମେ ଋଣ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏନେଇ ବ୍ୟାଙ୍କରେ ଥିବା ୨ଜଣ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହ ସେମାନେ ଋଣ ବାବଦରେ ମ୍ୟାନେଜରଙ୍କୁ ବୁଝାଇବେ ବୋଲି କୁହାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଗୋପାଳପୁର ୟୁକୋ ବ୍ୟାଙ୍କରେ ୧୦ରୁ ଊର୍ଦ୍ଧ୍ୱ ମହିଳା ଏସ୍‌ଏଚ୍‌ଜି ତରଫରୁ କିଛି ଦିନ ତଳେ କୁକୁଡା ଫାର୍ମ, ମାଛ ଚାଷ ଆଦି କରିବା ଲାଗି ଋଣ ପାଇଁ ଆବେଦନ କରିଥିଲେ। ମାତ୍ର ପୁରୁଣା ଶାଖା ପରିଚାଳକ ପ୍ରଭାତ ସାହୁ ମହିଳାଙ୍କଠାରୁ ସମସ୍ତ କାଗଜପତ୍ର ତନଖି କରିସାରିଥିବା ବେଳେ ହଠାତ୍ ତାଙ୍କର ବଦଳି ହୋଇଯାଇଥିଲା। ତାଙ୍କ ସ୍ଥାନରେ ଆସିଥିବା ଅଣଓଡିଆ ନୂତନ ଶାଖା ପରିଚାଳକ ଏସ୍‌ଏଚ୍‌ଜିକୁ ଋଣ ଦେବେ ନାହିଁ ବୋଲି ରୋକଠୋକ ଜଣାଇ ଦେଇଥିଲେ। ଫଳରେ ଏଭଳି ପରିସ୍ଥିତି ଉପୁଜିଥିଲା।



ବ୍ୟାଙ୍କ ଆଗରେ ଲୋକଙ୍କ ଭିଡ଼।

## ପଞ୍ଚଲିଙ୍ଗେଶ୍ୱରରେ କାଉଡିଆଙ୍କୁ ସେବା

**ଖଇରା, ୩୦।୭(ଡି.ଏନ.ଏ.)**

ଖଇରା ବ୍ଲକରେ କାର୍ଯ୍ୟରତ ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ପଞ୍ଚଲିଙ୍ଗେଶ୍ୱରଠାରେ କାଉଡିଆମାନଙ୍କୁ ସେବା ପ୍ରଦାନ କରାଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ଇଂ. ରାଜେଶ ମହାକୁଡଙ୍କ ତତ୍ତ୍ୱାବଧାନରେ ସଭ୍ୟମାନେ କାଉଡିଆମାନଙ୍କୁ ଚା', ବିସ୍କୁଟ, ପାଣି ଓ ପ୍ରାଥମିକ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ।

## ସଫେଇ କର୍ମଚାରୀଙ୍କ ଧର୍ମଘଟ ପ୍ରତ୍ୟାହୃତ

**ବାଲେଶ୍ୱର ଅଫିସ, ୩୦।୭**

ବାଲେଶ୍ୱର ପୌର ଠିକା ସଫେଇ କର୍ମଚାରୀମାନଙ୍କର ଗତ ୨୫ତାରିଖଠାରୁ ଚାଲିଥିବା ଧର୍ମଘଟ ପ୍ରତ୍ୟାହୃତ ହୋଇଛି। ମଙ୍ଗଳବାର ସହରରେ ସଫେଇ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଜିଲାପାଳଙ୍କ ଡିଭିଜନାଲ୍ ଶ୍ରମ କମିଶନର ଘାସିରାମ ଟୁଡୁଙ୍କ ମଧ୍ୟସ୍ଥତାରେ ତ୍ରିପାକ୍ଷିକ ଆଲୋଚନାର ନିଷ୍ପତ୍ତିକ୍ରମେ ଧର୍ମଘଟରେ ସାମିଲ ଥିବା ୩ଶହରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତ୍ରିପାକ୍ଷିକ ଆଲୋଚନାର ସର୍ତ୍ତ ଅନୁଯାୟୀ ଠିକାଦାର ଗତ ୨୦୧୫ ମସିହାଠାରୁ ଶ୍ରମିକମାନଙ୍କର ଦାଖଲ ହୋଇ ନ ଥିବା ପିଏଫ୍ ଏବଂ ଇଏସ୍‌ଆଇ ବାବଦରେ ସମସ୍ତ ଟଙ୍କା ଆସନ୍ତା ୧ ମାସ ମଧ୍ୟରେ ଦାଖଲ କରିବେ। ସମସ୍ତ ଠିକା କର୍ମଚାରୀଙ୍କୁ ବ୍ୟାଙ୍କ ଜରିଆରେ ମାସିକଦେୟ ପ୍ରଦାନ କରାଯିବ। ମାସିକ ମଜୁରି ପ୍ରଦାନ ପୂର୍ବରୁ ଠିକା କର୍ମଚାରୀମାନଙ୍କୁ ମଜୁରୀ ଚିଠା ପ୍ରଦାନ କରାଯିବାକୁ ଉଭୟପକ୍ଷ ସମ୍ମତି ଜଣାଇଛନ୍ତି। ଆଲୋଚନାରେ ପୌରପରିଷଦ ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଚିତ୍ରସେନ ରାଉତ, ଇଂ. ପ୍ରଦୀପ ନାୟକ, ଇଏମ୍‌ଆଇ. ମ୍ୟାନେଜର ଅନନ୍ତ କୁମାର ସୋରେନ୍, ସଫେଇ କର୍ମଚାରୀଙ୍କ ପ୍ରତିନିଧି ରତ୍ନାକର ବେହେରା, ରାମ ବେହେରା, ଠିକାଦାର ନାରାୟଣ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



**ଆୟୁଷ ପ୍ରଧାନ**
ଜନ୍ମଦିନ ତା. ୩୧।୦୭।୨୦୧୯
ଗ୍ରାମ: ଫୁଲବାଣୀ, ଗୁଦାରୀ
ଆଜି ଏହି ପବିତ୍ର ଜନ୍ମଦିନରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ, ସୁସ୍ଥଜୀବନ ଓ ଦୀର୍ଘାୟୁ ନିମନ୍ତେ ଆମ୍ଭେମାନେ ମଙ୍ଗଳ କାମନା କରୁଛୁ।
**ଶୁଭେଚ୍ଛାସହ:**
ବାବା, ମାମା, ଅଜା, ଆଇ, ମାମୁ, ମାଇଁ, କେକେମା।
ଧ-୧୩୬୬୭

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. NO.: 286 of 2012**

**Bank of Baroda, Nayapalli Branch, Bhubaneswar** .....Applicant
**Versus**
**M/s Eastern India Pharmaceuticals & Others** .....Defendants

To,

**M/s Eastern India Pharmaceuticals,** Represented by **Partner: Late Uma Kanta Rath,** Represented by **Indrani Rath,** W/o- Sushil Kumar Rath, At: Gopinathpur, PS: Bonai, Dist.: Sundergarh.

**M/s Eastern India Pharmaceuticals,** Represented by **Partner: Late Uma Kanta Rath,** Represented by **Purnima Mohapatra,** At: Mali Sahi, Ranihat Town, Dist.: Cuttack.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 286-12** in the Court of the Debts of Recovery Tribunal, Cuttack for recovery of **Rs.2,16,65,872/-** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.07.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **30th day of July, 2019.**

Sd/-
REGISTRAR

# ସ୍ୱାଭାବିକ ହେଲା ଅମରିଆ ଅଙ୍ଗନୱାଡି କେନ୍ଦ୍ର

**ଖଇରା, ୩୦।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅମରିଆ ଅଙ୍ଗନୱାଡି କେନ୍ଦ୍ରରେ ଗତ ୪ବର୍ଷ ଧରି ଲାଗି ରହିଥିବା ଅଚଳାବସ୍ଥାର ସମାଧାନ ହୋଇଛି। ମଙ୍ଗଳବାର ପ୍ରଶାସନିକ ଅଧିକାରୀମାନେ ଗ୍ରାମକୁ ଯାଇ ଗ୍ରାମବାସୀ ମାତୃମଙ୍ଗଳ କମିଟି, ଯାଞ୍ଚ କମିଟି ସହ ଆଲୋଚନା କରି ୩୧ତାରିଖରୁ କେନ୍ଦ୍ର କିଭଳି ଚାଲିବ ତାର ସମାଧାନର ବାଟ ଫିଟାଇଛନ୍ତି।

୨୦୧୬ ମସିହାରେ ଉକ୍ତ କେନ୍ଦ୍ରରେ କର୍ମୀ ଶାନ୍ତି ନାୟକ, ସହାୟିକା କାମିନି ସାହୁ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ତା' ପରଠାରୁ କର୍ମୀଙ୍କ ନିକଟରୁ ଦାୟିତ୍ୱ ଅପସାରଣ କରାଯାଇ ପଡୋଶୀ ପାଣିଛତ୍ର ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସୁକାନ୍ତି ପତି ଦାୟିତ୍ୱ ଦିଆଯାଇଥିଲା। ଏହାକୁ ବିରୋଧ କରି କର୍ମୀ ଶାନ୍ତି ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କୋର୍ଟ ଘଟଣାର ସମାଧାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନର୍ମଦା ଦେଓ, ସିମୁଳିଆ ଥାନା ଏସ୍‌ଆଇ ଭୁବନମୋହନ ସେଠୀ, ଏଏସ୍‌ଆଇ ଜୟନ୍ତ କୁମାର ସେଠୀ, ସରପଞ୍ଚ ନୟନା ପଲେଇ, ଯାଞ୍ଚ କମିଟି ମୁଖ୍ୟ ନରେନ୍ଦ୍ର ମହାପାତ୍ରଙ୍କ ସମେତ ମାତୃ କମିଟି ଓ ଯାଞ୍ଚ କମିଟିର ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ଅମରିଆ ହରିହାଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ସୁକାନ୍ତି ପତିଙ୍କଠାରୁ ଦାୟିତ୍ୱ କାଢି ପୁରୁଣା କର୍ମୀ ଶାନ୍ତିଙ୍କୁ ହସ୍ତାନ୍ତର କରାଯାଇଥିଲା। ନୂତନ ଘର ନିର୍ମାଣ ହେବା ପର୍ଯ୍ୟନ୍ତ ହରିହାଟରେ କେନ୍ଦ୍ର ଚଳାଇବା, କର୍ମୀ ଓ ୱାର୍ଡସଭ୍ୟ ମଧ୍ୟରେ ସମନ୍ୱୟ ରଖାଯାଇ ଆକାଉଣ୍ଟରୁ ଅର୍ଥ ଉଠାଯାଇ ଖାଦ୍ୟ କିଣାଯିବା, ଜୁଲାଇ ୩୧ତାରିଖରୁ ପୂର୍ବଭଳି ଶାନ୍ତି ନାୟକଙ୍କୁ ହିସାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯଦି କର୍ମୀ ଓ ସହାୟିକା ବିଶୃଙ୍ଖଳା ସୃଷ୍ଟି କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ଦିଆଯାଇଥିଲା।



ଅଙ୍ଗନୱାଡ଼ି କେନ୍ଦ୍ରରେ ଲାଗିରହିଥିବା ଅଚଳାବସ୍ଥା ସମାଧାନ ଲାଗି ବୈଠକ।

# ଖାଦ୍ୟ ନିରାପତ୍ତା ଯୋଜନାରୁ ବାଦ୍ ପଡ଼ିବେ ୬୭୬ ପରିବାର

**ଖଇରା, ୩୦।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ଖାଦ୍ୟ ନିରାପତ୍ତା ଯୋଜନାରେ ସାମିଲ ହୋଇଥିବା ୬୭୬ ପରିବାର ଆଧାର କାର୍ଡ ଦେଇପାରି ନାହାନ୍ତି। ଆଧାର କାର୍ଡ ମାଧ୍ୟମରେ ନିଜ ବାସସ୍ଥାନର ପରିଚୟ ଦେବା ପାଇଁ ସରକାର ଜୁଲାଇ ୩୧କୁ ସମୟ ସୀମା ନିର୍ଦ୍ଧାରଣ କରିଥିବା ବେଳେ ଆଉ ମାତ୍ର ଗୋଟିଏ ଦିନ ଥିବା ଯୋଗୁ ଏହି ବ୍ୟକ୍ତିମାନେ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି।

ପ୍ରକାଶ ଯେ, ୨୦୧୩ ମସିହାରେ କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଲାଗୁ କରିଥିଲେ। ଓଡିଶାରେ ଏହା ୨୦୧୫ ମସିହାରେ କାର୍ଯ୍ୟକାରୀ ହୋଇଥିଲା। ସେହିଭଳି ଖଇରା ବ୍ଲକରେ ୨୦୧୫ ନଭେମ୍ବରରୁ ହିତାଧିକାରୀମାନେ ଖୁଚୁରା ବିକ୍ରୟ କେନ୍ଦ୍ର ମାଧ୍ୟମରେ ଖାଉଟି ସାମଗ୍ରୀ ଉଠାଇବାକୁ ସକ୍ଷମ ହୋଇଥିଲେ। ଖଇରା ବ୍ଲକର ୩୭ ପଞ୍ଚାୟତରେ ୩୪ହଜାର ୯୬୭ ପରିବାରର ୧ଲକ୍ଷ ୪୭ ହଜାର ୧୯୭ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ୩୭ ପଞ୍ଚାୟତର ୯୪ ଡିଲର ପଏଣ୍ଟ ମାଧ୍ୟମରେ ହିତାଧିକାରୀମାନଙ୍କୁ ଖାଉଟି ସାମଗ୍ରୀ ପ୍ରଦାନ କରାଯାଉଥିଲା। ହେଲେ କେତେକ ହିତାଧିକାରୀ ଏକାଧିକ ସ୍ଥାନରୁ ଖାଉଟି ସାମଗ୍ରୀ ଉଠାଉଥିବା ଅଭିଯୋଗ ହେବା ପରେ ଆଧାର ଲିଙ୍କ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ୬ମାସ ଧରି ଏହି ପ୍ରକ୍ରିୟା ଚାଲୁଥିବା ବେଳେ ଏ ପର୍ଯ୍ୟନ୍ତ ୩୪ହଜାର ୨୯୧ ପରିବାରର ୧ଲକ୍ଷ ୩୦ହଜାର ୬୧୮ଜଣ ହିତାଧିକାରୀ ନିଜର ଆଧାରଗତ ପ୍ରମାଣ ଦେବା ପାଇଁ ସମର୍ଥ ହୋଇଛନ୍ତି। ବାକି ୬୭୬ ପରିବାରର ୧୬ହଜାର ୫୭୯ ହିତାଧିକାରୀଙ୍କୁ ବାରମ୍ବାର ତାଗିଦ୍ ସତ୍ତ୍ୱେ ସେମାନେ ଆଧାର ପ୍ରଦାନ କରୁନାହାନ୍ତି। ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ ଡିଲର ପଏଣ୍ଟ ଅଧୀନରେ ସବୁଠାରୁ କମ ଅର୍ଥାତ ୬୯.୨ପ୍ରତିଶତ ହିତାଧିକାରୀ ନିଜର ଆଧାର ପ୍ରମାଣ ଦେବାକୁ ସକ୍ଷମ ହୋଇଛନ୍ତି। ସେହିଭଳି ଯୋଡାଗଡିଆ, ପୂର୍ବପଡା, ମୁସ୍ତଫାବାଦ, ବେଗୁନିଆ ଡିଲର ପଏଣ୍ଟ ଅଧୀନରେ ବହୁ ହିତାଧିକାରୀ ଆଧାର ଦେଇ ପାରିନାହାନ୍ତି। ସେହିଭଳି ଅନ୍ତ୍ୟୋଦୟ ଯୋଜନାରେ ସାମିଲ ଥିବା ୭ହଜାର ୨୭୨ ପରିବାରର ୨୮ହଜାର ୪୮୪ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୭ହଜାର ୬୯୦ଜଣ ଆଧାର ପ୍ରମାଣ ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଯେଉଁମାନଙ୍କର ଜୁଲାଇ ୩୧ତାରିଖ ସୁଦ୍ଧା ଆଧାର ସଂଯୋଗ କରାଯାଇ ନ ପାରିବ ସେମାନଙ୍କ ନାମ କାଟିବାକୁ ଯୋଗାଣ ବିଭାଗ ବାଧ୍ୟ ହେବ ବୋଲି ବ୍ଲକ ଯୋଗାଣ ବିଭାଗ ଅଧିକାରୀ ନିରଞ୍ଜନ ସାହୁ କହିଛନ୍ତି।

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ରମେଶ କୁମାର କର**
ଗ୍ରା: କୋରାବନ୍ଧି, ରଗଡି, ଜି: ଯାଜପୁର
ଆବିର୍ଭାବ: ୦୩।୦୬।୧୯୩୪
ତିରୋଧାନ: ୨୦।୦୭।୨୦୧୯
"ପିତା ଧର୍ମ ପିତା ସ୍ୱର୍ଗ
ପିତା ହିଁ ପରମ ତପଃ
ପିତରି ପ୍ରୀତିମାପର୍ଣ୍ଣେ
ପ୍ରୀୟନ୍ତେ ସର୍ବଦେବତା"
**ଶ୍ରଦ୍ଧାଞ୍ଜଳି ସହ:**
ପୁତୁରା: ବାଇନ, କୁନି, ପୁତୁରା ବୋହୂ:ଗୀତା, ଆରତୀ, ଝିଅ: ମୀନା, ରୁନୁ, ଝୁନା, ବୁଢୀ, ସିନୁ, ଜ୍ୱାଇଁ: ଶରତ, ଶିଶିର, ବାପି, ପ୍ରତାପ, ବାବୁଲି, ନାତି ନାତୁଣୀ: ବାବି, ଗୁଗୁ, ସିପୁନ, ବବ୍‌ଲୁ, କୁନ୍‌ମୁନ୍,ରାକ୍ଷୀ, ଗୁଡୁଲି, ବୁବୁଲି, ଜିନୁ, ତୁତିୟା, ମାନୁଆ, ନାତୁଣୀ ଜ୍ୱାଇଁ: ଦୀପା, ପପିନା
ଧ-୧୩୬୭୦

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଅନ୍ନପୂର୍ଣ୍ଣା ବେହେରା**
କାଂଚନ ବଜାର, ଢେଙ୍କାନାଳ
ଆବିର୍ଭାବ: ୧୯୫୪
ତିରୋଧାନ: ୦୨।୦୮।୨୦୧୬
(ଚିତାଲାଗି ଅମାବାସ୍ୟା)
ଚାହୁଁ ଚାହୁଁ ୩ବର୍ଷ ବିତିଗଲା। ତୋର ସ୍ନେହ, ମମତା ଭରା ହସହସ ମୁଖ ସଦାବେଳେ ମନେପଡୁଛି। ତୁ ସବୁଦିନ ପାଇଁ ଏମିତି ଆମ ହୃଦୟରେ ରହିଛୁ ଓ ରହିଥିବୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
ସ୍ୱାମୀ: ଶଶଧର ବେହେରା, ପୁଅ, ବୋହୂ, ଝିଅ, ଜ୍ୱାଇଁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୬୮୧୨

## ଆଜି କ'ଣ କେଉଁଠି

୩୧।୭।୧୯ (ବୁଧବାର)

- ସଚ୍ଚିଦାନନ୍ଦ ମହାନ୍ତିଙ୍କ ଦ୍ୱିତୀୟ ବାର୍ଷିକୀ ଶ୍ରାଦ୍ଧୋତ୍ସବ। ସ୍ଥାନ- ଜିଲା ସଂସ୍କୃତି ଭବନ,। ସମୟ- ଅପରାହ୍ନ ୫ଟା୩୦

## ସଂକ୍ଷେପରେ

### ପୂର୍ବଶତ୍ରୁତାରୁ ଆକ୍ରମଣ: ବାପପୁଅ ଗିରଫ

ତିହିଡ଼ି,୩୦।୭(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ସିନ୍ଦୋଳ ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ନିରାକାର ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ରବିବାର ରାତିରେ ଆକ୍ରମଣ କରାଯାଇଥିଲା। ତିହିଡ଼ି ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ଏକ ମକଦ୍ଦମା (ନଂ ୩୩୬/୧୯) ରୁଜୁ କରିବା ସହ ତଦନ୍ତ କରି ସେହି ଗ୍ରାମର ବାପ ଓ ପୁଅକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିଦ୍ୱୟ ହେଲେ ବିକାଶ ମଳିକ ଓ ତାଙ୍କ ବାପା ସତିଆ ମଳିକ। ନିରାକାରଙ୍କ ସ୍ତ୍ରୀ ସାଧବାଣୀ ତିହିଡ଼ି ଥାନାରେ ଏ ନେଇ ଅଭିଯୋଗ କରିଥିଲେ।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ, ୩୦।୭(ଡି.ଏନ୍.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା କୁରିଗାଁ ପଞ୍ଚାୟତ ଆଲିହା ଗ୍ରାମର ମାୟାଧର ବାରିକ(୫୬)ଙ୍କ ମୃତଦେହ ମଙ୍ଗଳବାର ସକାଳୁ ପୋଖରୀରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ମାୟାଧର ସୋମବାର ରାତି ପ୍ରାୟ ୧୦ଟା ବେଳେ ଶୌଚ ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ମଙ୍ଗଳବାର ସକାଳୁ ଗ୍ରାମରେ ଥିବା ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ମାୟାଧରଙ୍କ ପତ୍ନୀ ପ୍ରମିଳା ଏନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ ୧୭/୧୯) ରୁଜୁ କରାଯାଇଛି।

### ଆଇଜିଏମ୍ କଲେଜରେ କାରଗିଲ ବିଜୟ ଦିବସ ପାଳିତ

ଧାମନଗର ୩୦।୭(ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ ଧୁସୁରୀସ୍ଥିତ ଆଇଜିଏମ୍ କଲେଜ ପରିସରରେ କାରଗିଲ ବିଜୟ ଦିବସ ପାଳିତ ହୋଇଥିଲା। ଅଧ୍ୟକ୍ଷ ବ୍ରଜ ମୋହନ ନାୟକ ଅମର ଜ୍ୟୋତି ଲୋଗୋରେ ପୁଷ୍ପମାଲ୍ୟ ପ୍ରଦାନ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହିଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଷୟ ଭିତିକ ବକ୍ତୃତା,ସଂଗୀତ,ଏକକ ଅଭିନୟ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତା ପରେ ସାଧାରଣ ସଭା ଅଧ୍ୟକ୍ଷ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରାଧ୍ୟାପକ, ଅଧାପକ ଓ କ୍ରୀଡା ଶିକ୍ଷକ ପ୍ରମୁଖ ଭାରତର ବୀର ସୈନିକମାନଙ୍କ ସାହସିକାତାର ଗୁଣଗାନ କରିଥିଲେ ।

# ଗେଙ୍ଗୁଟି ଶଯ୍ୟାରୁ ରାତିରେ ବାଲି ଚୋରି

ଭଣ୍ଡାରିପୋଖରୀ, ୩୦।୭(ଡି.ଏନ୍.ଏ.)


ଏକ ଆଶ୍ରମ ନିକଟରେ ଗଚ୍ଛିତ ରଖାଯାଇଥିବା ଚୋରା ବାଲି।

- ଜେସିବି ଲଗାଇ ବାଲି ଖୋଳାଯାଉଛି
- ବିଭିନ୍ନ ସ୍ଥାନରେ ଏହାକୁ ମହଜୁଦ ରଖି ପରେ ବିକାଯାଉଛି
- ଅଭିଯୋଗ କଲେ ପଦକ୍ଷେପ ଶୂନ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳ ଦେଇ ପ୍ରବାହିତ ଗେଙ୍ଗୁଟି ନଦୀରୁ ରାତାରାତି ଜେସିବିରେ ବାଲି ଖୋଳି ଉଠାଇ ନିଆଯାଉଛି। ଏ ଅଞ୍ଚଳରେ ଦିନକୁ ଦିନ ବାଲି ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ସ୍ଥାନୀୟ ଅଞ୍ଚଳବାସୀ ଏହି ଅଭିଯୋଗ କରି କହିଛନ୍ତି ଯେ, ବାଲି ଚୋରମାନେ ନଦୀଶଯ୍ୟାରୁ ବାଲି ଖୋଳି ଏହାକୁ ଟ୍ରାକ୍ଟରରେ ଉଠାଇ ନେଇ କିଛି ଦୂରରେ ଠୁଳ କରୁଛନ୍ତି। ପରେ ଦିନ ବେଳା ଟ୍ରାକ୍ଟର ଓ ମିନିଟ୍ରକ ଗାଡ଼ି ବାଲାଙ୍କୁ ୧୨ଶହରୁ ୧୫ ଶହ ଟଙ୍କାରେ ଏହାକୁ ବିକ୍ରି କରି ମାଲାମାଲ ହେଉଛନ୍ତି। ଗତ ଏକ ସପ୍ତାହ ହେଲା ବୈତରଣୀ ନଦୀରେ ବର୍ଷାପାଣି ଆସିବାରୁ ବାଲିଚୋରମାନେ ସେଠାରୁ ବାଲି ଉଠାଇ ନ ପାରି ପୂର୍ବରୁ ଅନ୍ୟ ନଦୀରୁ ଉଠାଇ ବିଭିନ୍ନ ସ୍ଥାନରେ ମହଜୁଦ ରଖିଥିବା ବାଲିକୁ ଏବେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ଅଭିଯୋଗ ହେଉଥିଲେ ମଧ୍ୟ ତହସିଲ କର୍ମଚାରୀ ଓ ପୋଲିସ ଆଖିବୁଜି ବସିଛନ୍ତି।

ଉଲ୍ଲେଖନୀୟ ଯେ, ଗେଙ୍ଗୁଟି ନଦୀ ଦାଣ୍ଡକୂଳ ନିକଟରୁ ଦୀର୍ଘଦିନ ଧରି ବେଆଇନ ଭାବେ ବାଲି ଚୋରି କରିନିଆଯାଇଛି। ଏହାବାଦ ବିଭିନ୍ନ ସ୍ଥାନରେ ଘାଟ କରି ଅନାୟସରେ ବାଲି ଉତ୍ତୋଳନ କରାଯାଉଛି। ଧରପଗଡ଼ରୁ ବର୍ତ୍ତିବା ଲାଗି ବାଲି ଚୋରମାନେ ରାତିବେଳା ନଦୀଶଯ୍ୟାରୁ ବାଲି ଉଠାଇ କୌଣସି ନିରାପଦ ସ୍ଥାନରେ ଏହାକୁ ଗଚ୍ଛିତ ରଖୁଛନ୍ତି। ପରେ ସୁଯୋଗ ଦେଖି ଏହାକୁ ବିକ୍ରି କରୁଛନ୍ତି। ଭଣ୍ଡାରିପୋଖରୀ ତହସିଲ ଅଧୀନ ବୈତରଣୀ ନଦୀର ମୁଡ଼ାପଦା, ମଣିନାଥପୁର ଓ ଗେଙ୍ଗୁଟି ନଦୀର ଦାଣ୍ଡକୂଳଠାରୁ ଷଠଗାଁ ପର୍ଯ୍ୟନ୍ତ ସେମାନେ ବାଲି ଉଠାଇ ଅନ୍ୟତ୍ର ଚାଲାଣ କରୁଥିଲେ ମଧ୍ୟ ସ୍ଥାନୀୟ ତହସିଲ ପ୍ରଶାସନ ଏହାକୁ ରୋକିପାରୁ ନାହିଁ । କେତେକ ତହସିଲ କର୍ମଚାରୀଙ୍କ ସଲାସୁତରାରେ ଏଭଳି ଚୋରା ବେପାର ଚାଲିଥିବା ଲୋକେ ସନ୍ଦେହ ପ୍ରକାଶ କରୁଛନ୍ତି। ଗେଙ୍ଗୁଟି ନଦୀର ଦାଣ୍ଡକୂଳ ନିକଟ ଜଣେ ବ୍ୟକ୍ତିଙ୍କ ବାଡି ପଛପାଖ ଏବଂ ଏକ ଆଶ୍ରମ ପଛପାଖରେ ନଦୀକୁ ଯିବା ପାଇଁ ରାସ୍ତା କରି ବିଳମ୍ବିତ ରାତିରେ ଜେସିବି ଦ୍ୱାରା ବାଲି ଉଠାଇ ନିକଟସ୍ଥ ପଡିଆରେ ଏହାକୁ ରଖାଯାଉଥିବା ଅଞ୍ଚଳବାସୀ କହିଛନ୍ତି। ବାଲି ଉତ୍ତୋଳନ ସମୟରେ ଏ ନେଇ ତହସିଲ ଓ ପୋଲିସକୁ ସୂଚନା ଦିଆଯାଉଥିଲେ ମଧ୍ୟ ସେମାନେ 'ଆମେ କଣ କରିବୁ' କହି ଏଡାଇ ଯାଉଛନ୍ତି। ଏ ସମ୍ପର୍କରେ ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁଙ୍କୁ ପଚାରିବାରୁ କହିଛନ୍ତି, ବାଲି ଚୋରଙ୍କୁ ଧରିବା ଲାଗି ଏକ ସ୍କ୍ୱାଡ ଗଠନ କରାଯାଇଛି। ଆବଶ୍ୟକ ଫୋର୍ସ ନ ହେଲେ କାହାକୁ ଧରିବା ସମ୍ଭବ ହେଉନାହିଁ। ବାଲିଚୋରି ସମ୍ପର୍କରେ ଭଣ୍ଡାରିପୋଖରୀ ଥାନା ଅଧିକାରିଣୀ ସୁକାନ୍ତି କେରେଇଙ୍କୁ ପଚାରିବାରୁ ଆମର ସହାୟତା ଲୋଡାଗଲେ ପୋଲିସ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏହି ଅଞ୍ଚଳରୁ ବାଲି ନେଇ ଧାମନଗର ବଜାର ଥାନା ସମ୍ମୁଖ ଓ ତହସିଲ ସମ୍ମୁଖରେ ଗାଡିସବୁ ଯାଉଥିଲେ ମଧ୍ୟ ଧାମନଗର ପୋଲିସ ଓ ତହସିଲ କର୍ମଚାରୀ ଏହା ଦେଖି ନ ଦେଖିବା ଭଳି ନୀରବ ରହୁଛନ୍ତି। ଏହି ବ୍ଲକର ବିଭିନ୍ନ ସ୍ଥାନରେ ଏବେ ଚୋରମାନେ ଶହ ଶହ ଟ୍ରିପ ବାଲି ଗଚ୍ଛିତ ରଖିଥିବାଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ୧୦ ଦିନ ପରେ ବି ପୋଲିସ ହାତ ଖାଲି

ପଦ୍ମପୁର, ୩୦।୭(ଡି.ଏନ୍.ଏ.)

- ଭ୍ୟାନ୍ ଚଢାଇ ହତ୍ୟା ଉଦ୍ୟମ ଘଟଣା
- ଆଇସିୟୁରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି କନଷ୍ଟେବଲ

ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ଫାଣ୍ଡିରେ ଚୋରା କୋଇଲା ବୋଝେଇ ପିକଅପ୍‌କୁ ଅଟକାଇବାକୁ ଯିବା ବେଳେ ଚୋରା କୋଇଲା ଗାଡି ଚାଳକ କନଷ୍ଟେବଲ ରଜତ ପାଣିଗ୍ରାହୀଙ୍କ ଉପରେ ଭ୍ୟାନ୍ ଚଢାଇ ଦେଇଥିଲେ। ଗତ ୨୦ ତାରିଖ ଭୋର ସମୟରେ ଏରଡା ଛକ ନିକଟରେ ଏହି ଘଟଣା ଘଟିଥିଲା। ରଜତଙ୍କୁ ସେଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଜିଲା ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏସ୍‌ଡିପିଓ ଜଳନ୍ଧର ଜାଲି, ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ପ୍ରମୁଖ ପହଞ୍ଚି ଚୋରା କୋଇଲା ଗାଡିକୁ ଜବତ କରିଥିଲେ। ହେଲେ ଏହା ମଧ୍ୟରେ ୧୦ ଦିନ ବିତିଯାଇଥିଲେ ବି ଗାଡିର ମାଲିକ କିମ୍ବା ଚାଳକଙ୍କୁ ଗିରଫ କରାଯାଇ ପାରିନାହିଁ। ଗ୍ରାମାଞ୍ଚଳ ଥାନା ପୋଲିସ ଏକ ମାମଲା ରୁଜୁ କରି ହାତ ବାନ୍ଧି ବସିଛି। ଆହତ ରଜତ ଏବେ କଟକ ବଡ ମେଡିକାଲରେ ଆଶୁ ଚିକିତ୍ସା ବିଭାଗର ଆଇସିୟୁରେ ଚିକିତ୍ସାଧୀନ ରହିଛନ୍ତି। ତାଙ୍କ ସୁଷମ୍ନାକାଣ୍ଡରେ ଦୁଇଟି ଅପରେଶନ ହେବ। ବର୍ତ୍ତମାନ ସୁଦ୍ଧା ତାଙ୍କର ଦୁଇଗୋଡ ଅଚଳ ଅବସ୍ଥାରେ ରହିଛି। ଜଣେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ଆକ୍ରମଣକାରୀକୁ ପୋଲିସ ଧରିପାରୁ ନ ଥିବା ଘଟଣାକୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏସମ୍ପର୍କରେ ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସଙ୍କୁ ପଚାରିବାରୁ କୋଇଲା ଗାଡିର ମାଲିକ ଓ ଚାଳକ ଫେରାର ଥିବା କହିଛନ୍ତି।

# ପଞ୍ଚାୟତରେ ଉନ୍ନୟନକାର୍ଯ୍ୟ ବାଧାପ୍ରାପ୍ତ

ତିହିଡ଼ି,୩୦।୭(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବାହାବଳପୁର ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ୩ମାସ ହେଲା କାର୍ଯ୍ୟନିର୍ବାହୀ ଅଧିକାରୀ ଅବସର ନେବା ସାତ୍ତ୍ୱ ତାଙ୍କ ସ୍ଥାନରେ ନୂତନ ଅଧିକାରୀ ନିଯୁକ୍ତି ଦିଆଯାଇ ନାହିଁ । ଏ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ ବିପିନ ବେହେରା ବିଭିନ୍ନ ସମୟରେ ବିଡିଓଙ୍କୁ ଭେଟି ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। କେବଳ ଜଣେ ପିଇଓଙ୍କୁ ପଠାଯାଇ ଏଠାରେ ଭତ୍ତା ବଣ୍ଟନ କାର୍ଯ୍ୟ କରାଯାଉଛି। ଆସନ୍ତା ମାସ ୭ତାରିଖରେ ପଞ୍ଚାୟତରେ ସୈରାତ ନିଲାମ ହେବାକୁ ସ୍ଥିର ହୋଇଥିଲେ ମଧ୍ୟ କାଗଜପତ୍ର ପ୍ରସ୍ତୁତି ହୋଇ ନ ଥିବାରୁ ନିଲାମ ଡକାଯାଇ ନ ପାରିବା ଆଶଙ୍କା ପ୍ରକାଶ ପାଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟ କ୍ଷେତ୍ରରେ ପଞ୍ଚାୟତର ପଛରେ ପଡ଼ିଛି। ଏହାବାଦ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସରପଞ୍ଚ ବେହେରା ଅଭିଯୋଗ କରିଛନ୍ତି।

# ହଜ୍ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା


ଉପସ୍ଥିତ ଜନ ପ୍ରତିନିଧି ହଜ୍ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି।

ଧାମନଗର (ଡି.ଏନ.ଏ.)/ ଭଦ୍ରକ ଅଫିସ ୩୦।୭

ଭଦ୍ରକ ଜିଲା ଧାମନଗର ବ୍ଲକର ୯ଜଣଙ୍କୁ ମିଶାଇ ମୋଟ୍ ୨୫ ଜଣ ତୀର୍ଥଯାତ୍ରୀ ହଜ୍ କରିବାପାଇଁ ସାଉଦୀ ଆରବର ମକ୍କାମଦିନା ସରିଫକୁ ଯାତ୍ରା କରିଛନ୍ତି। ଧାମନଗର ଏନ୍‌ଏସି ଓ ଦୋବଲ ମୁସ୍ତଫାପୁରରୁ ତୀର୍ଥଯାତ୍ରୀ ବାହାରି ଖାନକା ସରିଫଠାରେ ପୀରବାବାଙ୍କୁ ଦର୍ଶନ କରିଥିଲେ। ପରେ ବିରାଟ ଶୋଭାଯାତ୍ରାରେ ସେମାନଙ୍କୁ ଭଦ୍ରକ ରେଳଷ୍ଟେଶସନ ପର୍ଯ୍ୟନ୍ତ ନିଆଯାଇଥିଲା। ସେକ୍ ଆକବର ଅଲ୍ଲୀ, ସେକ୍ ରମଜାନ ଅଲ୍ଲୀ, ମେମୁନା ଖାତୁନ୍, ହବିବୁନ୍ ନେଶା, ମହମ୍ମଦ ଅବୁକାଲାମ, ଜୋଏଫା ଖାତୁନ୍, ସେକ୍ ସଇଦ୍, ଖତିଜା ବିବି, ମିର୍ଜା ମେହେଫୁଜ୍ ଅଲ୍ଲୀ ପ୍ରମୁଖ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ସେହିପରି ଭଦ୍ରକରୁ ଅନ୍ୟ ଅଞ୍ଚଳରୁ ଆସିଥିବା ତୀର୍ଥଯାତ୍ରୀ ଆସି ସେଠାରେ ପହଞ୍ଚିଥିଲେ। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ସମେତ ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବିବିସିସି ସଭାପତି ରଘୁନାଥ ଲେଙ୍କା, ବ୍ଲକ ଅଧକ୍ଷ ଅଶୋକ ନାୟକ, ସମିତିସଭ୍ୟ ପ୍ରଦୀପ ମଲ୍ଲିକ, ବିଜେଡ଼ି ବ୍ଲକ ସାଧାରଣ ସମ୍ପାଦକ ସେକ୍ ଜାଫର ଅଲ୍ଲୀ, ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଗୋଲାମ ଜିଲାନି ହବିବି, ଡ଼ଃ. ସାଦିକ୍ ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଗୋକୁଳାନନ୍ଦଙ୍କ ପରଲୋକ

ଭଣ୍ଡାରିପୋଖରୀ, ୩୦।୭(ଡି.ଏନ୍.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ସରସଦା ପଞ୍ଚାୟତ ତୁଳସୀପୁର ଗ୍ରାମର ଜଣାଶୁଣା ସାମାଜିକ କର୍ମୀ ତଥା ବରିଷ୍ଠ ନାଗରିକ ମଞ୍ଚର କୋଷାଧ୍ୟକ୍ଷ ଗୋକୁଳାନନ୍ଦ ସାମଲ(୬୪)ଙ୍କର ସୋମବାର ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗୋକୁଳାନନ୍ଦ ସୋମବାର ରାତି ପ୍ରାୟ ୧୨ଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନା ଚିକିତ୍ସା ପାଇଁ ଆଣିଥିଲେ । ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋକୁଳାନନ୍ଦ ଭଣ୍ଡାରିପୋଖରୀ ଶ୍ରୀରାମ ଦୟା ପରିଷଦ, କାଳୀ କମିଟି, ଦୁର୍ଗାପୂଜା କମିଟିର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଥିଲେ। ମଙ୍ଗଳବାର ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ଭଣ୍ଡାରିପୋଖରୀ ବଜାର ପରିକ୍ରମା କରାଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମୃତ୍ୟୁରେ ଭଣ୍ଡାରିପୋଖରୀ କାଳୀବଜାରର ସବୁ ବ୍ୟବସାୟୀ ପ୍ରତିଷ୍ଠାନ ବନ୍ଦ ରହିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

# ଆରମ୍ଭ ହେଲା ପରୀ-୩ ଅଭିଯାନ


ପରୀ-୩ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଉଛି।

ଭଦ୍ରକ ଅଫିସ/ତିହିଡ଼ି (ଡି.ଏନ.ଏ.)୩୦।୭

## ପ୍ରଥମ ଦିନରେ ତିହିଡ଼ିରୁ ୩ ଶିଶୁ ଶ୍ରମିକ ଉଦ୍ଧାର

ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ନିଖୋଜ ଶିଶୁଙ୍କୁ ଉଦ୍ଧାର ନିମନ୍ତେ ଅଭିଯାନ ପରୀ-୩ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭଦ୍ରକ ଜିଲା ପୋଲିସ କାର୍ଯ୍ୟାଳୟରେ ଏହାର ଶୁଭାରମ୍ଭ କରାଯାଇଥିଲା। ପରେ ପରୀ ଟିମ୍ ତିହିଡି ଅଞ୍ଚଳକୁ ଗସ୍ତ କରିଥିଲେ। ତିହିଡି ଅଞ୍ଚଳର ତିହିଡି ବଜାର ସମେତ କମାରିଆ, ନନ୍ଦପୁର ଅଞ୍ଚଳରୁ ଫ୍ଲାଏଆସ୍ ବ୍ରିକ୍ ଇଟାଭାଟି ଏବଂ ଗ୍ୟାରେଜରେ କାମ କରୁଥିବା ୩ ଜଣ ନାବାଳିକା ଓ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ଜିଲା ପୋଲିସ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାସଙ୍କ ପୌରୋହିତ୍ୟରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ବିଭିନ୍ନ ସହଯୋଗୀ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ପରୀ-୩ ଅଭିଯାନକୁ ସଫଳ କରିବା ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଡିଏସ୍‌ପି ସୁରେଶ ଜେନା, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ସମେତ ଶ୍ରମ ବିଭାଗ, ଶିଶୁ ସୁରକ୍ଷା ବିଭାଗ, ଚାଇଲ୍ଡ ଲାଇନ, ବିଭିନ୍ନ ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ପରୀ-୩ ଅଭିଯାନ ନିମନ୍ତେ ଦୁଇଟି ଟିମ୍ ଗଠନ କରାଯାଇଥିଲା। ମଙ୍ଗଳବାର ତିହିଡି ଗସ୍ତରେ ଇନ୍ସପେକ୍ଟର ଜୀବନମୋହନ ନାୟକ, ଶିଶୁ ସୁରକ୍ଷା ବିଭାଗର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଗ୍ରାମାଞ୍ଚଳ ଶ୍ରମ ଅଧିକାରୀ ସୁନନ୍ଦା ବିଶ୍ୱାଳ, ଏସ୍‌ଆଇ ମୋନାଲିସା ପ୍ରଧାନ, ବିକାଶ ରାଉତ, କମଳା ମିଶ୍ର ଏବଂ ଅକ୍ଷୟ ସାହୁ ପ୍ରମୁଖ ଯାଇଥିଲେ। ସେମାନେ ଉଦ୍ଧାର କରିଥିବା ସମସ୍ତ ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିବା ଜଣାପଡିଛି।

# ମରୁଡି ବେଳେ କାମ ଦେଉନି ଉଠାସେଚ ପ୍ରକଳ୍ପ

ପଦ୍ମପୁର, ୩୦।୭ (ଡି.ଏନ୍.ଏ)

ଚାଷ ଉପଯୋଗୀ ବର୍ଷା ଅଭାବରୁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର, ସୁଗୋ, ଏଡତାଳ, ଜଗନ୍ନାଥପ୍ରସାଦ, ଲୁଙ୍ଗା, ଲକ୍ଷ୍ମୀଦାସପୁର, ବାଲିମେଦ, ରାଜଘରପୋଖରୀ ପଞ୍ଚାୟତ ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖାଦେଇଛି। ବିଭିନ୍ନ ସ୍ଥାନରେ ପକାଯାଇଥିବା ଧାନ ତଳି ଶୁଖି ମରିଯାଇଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଏପରିସ୍ଥଳେ ବ୍ଲକରେ ଥିବା ୧୬୨ ଉଠା ଜଳସେଚନ ପ୍ରକଳ୍ପ ମଧ୍ୟରୁ ଅନେକ ଅଚଳ ହୋଇପଡିଥିବାରୁ ଚିନ୍ତାଜନକ ସ୍ଥିତି ସୃଷ୍ଟିହୋଇଛି। କେତେକ ଜାଗାରେ ବିଦ୍ୟୁତ୍ ବକେୟା ବିଲ ଦିଆ ନ ଯିବା କାରଣରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବେଳେ ଆଉ କେତେକ ସ୍ଥାନରେ ଟାନ୍ସଫର୍ମର ଅଚଳ ହୋଇପଡିଛି। ଅନ୍ୟପକ୍ଷେ ଉପର ମୁଣ୍ଡରେ ବର୍ଷାଭାବ କାରଣରୁ ଏହି ଅଞ୍ଚଳ ଦେଇ ପ୍ରବାହିତ କଞ୍ଚୁଡି, ଗମ୍ଭେଇ, ଧଳା, ମନ୍ତେଇ ନଦୀରେ ପାଣି ଆସି ନ ଥିବାରୁ ବଙ୍ଗୋପସାଗରର ଲୁଣାପାଣି ବିଭିନ୍ନ ନଦୀ ଦେଇ ମାଡ଼ିଆସିବା ଆଶଙ୍କା ରହିଛି।

ଉଲ୍ଲେଖନୀୟ ଯେ, ୨୦୧୮ରେ ଜୁଲାଇ ସୁଦ୍ଧା ଏହି ବ୍ଲକରେ ୨୫୦ ମିଲିରୁ ଅଧିକ ବର୍ଷା ହୋଇଥିଲା। ଚଳିତ ବର୍ଷ ମାତ୍ର ୧୨୦ରୁ ୧୩୦ ମି.ମି. ବର୍ଷା ହୋଇଛି। ସ୍ୱଳ୍ପ ବୃଷ୍ଟିପାତ ଚାଷ କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରିଛି। ବାସୁଦେବପୁର ବ୍ଲକରେ ୨୫୦୦ ହଜାର ହେକ୍ଟର ଜମିରେ ଚାଷ ହେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୩୨ ହେକ୍ଟର ଜମିରେ ଚାଷ ହୋଇଛି। ଚାଷକାର୍ଯ୍ୟ ବହୁ ପଛରେ ପଡିଥିବାରୁ ଏବେ ବର୍ଷା ହେଲେ ମଧ୍ୟ ସ୍ଥିତିରେ ସେଭଳି ଉନ୍ନତି ଆସି ନ ପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ ଚାଷୀମାନେ ଆଗୁଆ ଧାନତଳି ପକାଇ କ୍ଷତିଗ୍ରସ୍ତ ହୋଇଥିବାରୁ ଏବେ ସାନି ତଳି ପକାଇବା ଲାଗି ସେମାନଙ୍କ ନିକଟରେ ବିହନ ନ ଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ସହାୟକ ଜଗବନ୍ଧୁ ମିଶ୍ରଙ୍କୁ ପଚାରିବାରୁ ଚାଷ ଉପଯୋଗୀ ବର୍ଷା ନ ହେଲେ ଉଠାଜଳସେଚନ ବ୍ୟବସ୍ଥାରେ ଯାହା କିଛି ଚାଷ ହୋଇପାରିବ ବୋଲି କହିଛନ୍ତି।


ପାଣି ବିନା ମରିଯାଇଥିବା ଧାନ ତଳି।

# ପାଣିରେ ଭାସୁଛି ମିନି ଷ୍ଟାଡିୟମ

ତିହିଡ଼ି,୩୦।୭(ଡି.ଏନ.ଏ.)


ତିହିଡ଼ି ସରକାରୀ ବାଳିକା ହାଇସ୍କୁଲ ପରିସରରେ ଥିବା ମିନି ଷ୍ଟାଡିୟମ।

- ୨୦ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ହେଲାନି ଭିତ୍ତିଭୂମିର ବିକାଶ
- ଫାଟକ ସାମ୍ନାରେ ଆଣ୍ଠୁଏ ଘାସ
- କ୍ରୀଡ଼ାର ବିକାଶ ଏଠି ସାତ ସପନ

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକମାତ୍ର ମିନି ଷ୍ଟାଡିୟମ ଏବେ ବର୍ଷାପାଣିରେ ଭାସୁଛି । ଷ୍ଟାଡିୟମ ଫାଟକ ସାମ୍ନାରେ ଆଣ୍ଠୁଏ ବହଳର ଘାସ ହୋଇ ଏହା ପଥରୁଦ୍ଧ କରୁଛି। ସେହିପରି ଷ୍ଟାଡିୟମ ଚେଞ୍ଜରୁମ୍ ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ନିର୍ମାଣ କାର୍ଯ୍ୟ ଓ ଭିତ୍ତିଭୂମି ବିକାଶ ଠିକ୍ ଭାବେ ହୋଇ ନ ଥିବାରୁ ଏହା କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଛି। ଏଠାରେ କ୍ରୀଡ଼ାଭ୍ୟାସ କରିବା ସମ୍ଭବ ହେଉନାହିଁ । ଷ୍ଟାଡିୟମ ନିର୍ମାଣ କରି ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଭାଙ୍କୁ ସାମ୍ନାକୁ ଆଣିବା ଲକ୍ଷ୍ୟ ସୁଦୂର ପରାହତ ହୋଇଛି।

ତିହିଡି ବ୍ଲକରେ କ୍ରୀଡ଼ାଭ୍ୟାସ ଲାଗି ଭିତ୍ତିଭୂମି ନ ଥିବାରୁ ଏଠାରେ ମିନି ଷ୍ଟାଡିୟମ ନିର୍ମାଣ ଲାଗି ଯୋଜନା ହୋଇଥିଲା। ଖେଳପଡ଼ିଆର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତିହିଡ଼ି ସରକାରୀ ବାଳିକା ହାଇସ୍କୁଲ ପଡ଼ିଆକୁ ବିକଶିତ କରି ଷ୍ଟାଡିୟମରେ ପରିଣତ କରାଯାଇଥିଲା। ଯେଉଁ ଲକ୍ଷ୍ୟ ନେଇ ଏହାକୁ ନିର୍ମାଣ କରାଯାଇଥିଲା ତାହା ପୂରଣ ହୋଇ ନ ପାରିବାରୁ ୨୦ଲକ୍ଷ ଟଙ୍କା ସରକାରୀ ଅର୍ଥ ପାଣିରେ ପଡ଼ିବା ସାର ହୋଇଛି। ଉଲ୍ଲେଖନୀୟ ଯେ, ବିଭିନ୍ନ ସ୍କୁଲ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ କାଳୀପଡ଼ିଆରେ ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ହାଇସ୍କୁଲରେ କ୍ରୀଡ଼ା ଉପଯୋଗୀ ଖେଳପଡ଼ିଆର ଅଭାବ ଥିବାରୁ ଏହି ପଡ଼ିଆକୁ ଗୁରୁତ୍ୱ ଦିଆଯାଇଥାଏ। ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲର ଅଧୀନରେ ଥିବା ଏହି ପଡ଼ିଆ କ୍ରୀଡ଼ା ବ୍ୟତୀତ ବିଭିନ୍ନ ଉତ୍ସବ ଓ ଯାନିଯାତ୍ରା କାର୍ଯ୍ୟରେ ବ୍ୟବହୃତ ହେଉଥିବା ଏବଂ ଏହା ଜନଗହଳି ଅଞ୍ଚଳରେ ଥିବାରୁ ତିହିଡ଼ି ସରକାରୀ ବାଳିକା ହାଇସ୍କୁଲ ପଡ଼ିଆକୁ ମିନି ଷ୍ଟାଡିୟମ କରାଯିବାକୁ ସ୍ଥିର ହୋଇଥିଲା। ୨୦୧୫-୧୬ ଆର୍ଥିକ ବର୍ଷରେ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହେବା ପରେ ବ୍ଲକ କାର୍ଯ୍ୟାଳୟ ମାଧ୍ୟମରେ ଠିକାଦାର ଚୟନ କରାଯାଇ କାର୍ଯ୍ୟାରମ୍ଭ ହୋଇଥିଲା। ଏହା କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଥିଲା। ଏତେ ଅର୍ଥ ବିନିଯୋଗ ହେବା ସତ୍ତ୍ୱେ ମିନିଷ୍ଟାଡିୟମର ଆବଶ୍ୟକ ଉନ୍ନତୀକରଣ ହୋଇ ପାରିନାହିଁ। ସେଠାରେ ଗୋଟିଏ ଚେଞ୍ଜିଙ୍ଗ୍ ରୁମ୍ ଓ ଫାଟକ ନିର୍ମାଣ ହୋଇଛି। ଚେଞ୍ଜିଙ୍ଗ୍ ରୁମ୍ ପର୍ଯ୍ୟନ୍ତ ମାଟିରେ ସରୁ ରାସ୍ତା ନିର୍ମାଣ କରାଯାଇଛି । ବର୍ଷାପାଣିରେ ଉବୁଟୁବୁ ହେଉଥିବା ଏହି ପଡ଼ିଆର ଅବସ୍ଥା ଦେଖିଲେ ଏହା ଯେ ଏକ ମିନି ଷ୍ଟାଡିୟମ ବିଶ୍ୱାସ କରିହେଉ ନାହିଁ। କ୍ରୀଡ଼ା ଶିକ୍ଷକ ଗିରିଜା ରମଣ ଜେନା ମିନି ଷ୍ଟାଡିୟମରେ କ୍ରୀଡ଼ା ଉପଯୋଗୀ ଭିତ୍ତିଭୂମି ସୃଷ୍ଟି ନ ହେବା ପରିତାପର ବିଷୟ ବୋଲି କହିଛନ୍ତି। ଜିଲା କ୍ରୀଡ଼ା ଅଧିକାରୀ ମନୋଜ ଦାସ କହିଛନ୍ତି, ମିନି ଷ୍ଟାଡିୟମ ପାଇଁ ମଞ୍ଜୁରୀ ଅର୍ଥର ବିନିଯୋଗ ଦାୟିତ୍ୱ ବ୍ଲକ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ତେବେ ସମସ୍ୟା ଅନୁଧ୍ୟାନ କରି ସେ ଦେଖିବେ ବୋଲି କହିଥିଲେ। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରୁ କହିଛନ୍ତି, ତାଙ୍କ କାର୍ଯ୍ୟାରମ୍ଭ ପୂର୍ବରୁ ଏହି ଅର୍ଥ ବିନଯୋଗ ହୋଇଛି। ସେ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଜୁଲାଇ ୩୧/୨୦୧୯ Balasore, Wednesday, July 31/2019

## ସଂକ୍ଷେପରେ

### ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ବାସୁଦେବପୁର, ୩୦।୭(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର ଇଷ୍ଟକୋଷ୍ଟ କେନାଲଛକ ନିକଟ ରାସ୍ତାକଡରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ମଙ୍ଗଳବାର ସକାଳେ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରାଯାଇ ରାସ୍ତାକଡରେ ଫିଙ୍ଗି ଦିଆଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଅନୁମାନ କରାଯାଉଛି। ତାଙ୍କ ଦେହରେ ମାଡ ଚିହ୍ନ ଥିବା ଦେଖିବାକୁ ମିଳିଛି। ଚୂଡାମଣି ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏହି ଅଞ୍ଚଳରେ ଶହ ଶହ ବେଆଇନ ଚିଙ୍ଗୁଡି ପ୍ଲାଣ୍ଟ ଥିବାରୁ ଏହି ବ୍ୟକ୍ତି ଜଣକ କୌଣସି ଚିଙ୍ଗୁଡି ପ୍ଲାଣ୍ଟର କର୍ମଚାରୀ ହୋଇ ଥାଇପାରନ୍ତି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ଯୁବକ ଜଣକ ଆଦିବାସୀ ସମ୍ପ୍ରଦାୟର ବୋଲି ଅନୁମାନ କରାଯାଉଛି। ପୋଲିସ ଏ ନେଇ ଅପମୃତ୍ୟୁ ମାମଲା(ନଂ ୨/୧୯) ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ଥାନା ପକ୍ଷରୁ କୁହାଯାଇଛି।

### ପୋଖରୀରେ ବୁଡ଼ି ନାବାଳକ ମୃତ

**ବାହାନଗା, ୩୦।୭(ଡି.ଏନ.ଏ.):** ବାହାନଗା ବ୍ଲକ କସପାଜୟପୁର ପଞ୍ଚାୟତର ଜିରିତାଳ ଗ୍ରାମର ବିଦ୍ୟାଧର ବିଶ୍ୱାଳଙ୍କ ପୁଅ ବେଦପ୍ରକାଶ(୧୫) ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ବେଦପ୍ରକାଶ ସୋମବାର ଅପରାହ୍ନରେ ଗାଁକୁ ବୁଲିବାକୁ ଯାଇ ଆଉ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ରାତିରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଗ୍ରାମର ଚନ୍ଦନପୋଖରୀରେ ମାଛ ଧରାଯିବା ଲାଗି ମଙ୍ଗଳବାର ସକାଳେ ଜାଲ ଟଣାଯାଉଥିବା ବେଳେ ବେଦପ୍ରକାଶଙ୍କ ମୃତଦେହ ପାଣିରୁ ବାହାରିଥିଲା। ଗ୍ରାମବାସୀ ଏହା ଦେଖି ତାଙ୍କ ଘରକୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ସେ କିପରି ପାଣିରେ ପଡିଲେ ସେନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖନ୍ତାପଡା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ୍

**ହାଟଡିହୀ, ୩୦।୭(ଡି.ଏନ୍.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଞ୍ଚଳରେ ଜଣେ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ୯୦ ହଜାର ୬୩୭ ଟଙ୍କା ଲୁଟ୍ ହୋଇଥିବା ନେଇ ସୋସୋ ଥାନାରେ ଅଭିଯୋଗ ହୋଇଛି। ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ଫାଇନାନ୍ସ ସଂସ୍ଥାର କର୍ମଚାରୀ ସ୍ୱରାଜ ରାଉତ ଖପରାଖାଇ ଗ୍ରାମରୁ କିସ୍ତି ଟଙ୍କା ଆଦାୟ କରି ଫେରୁଥିଲେ। ଖପରାଖାଇ ଓ ବନ୍ତଲା କେନାଲ ନିକଟରେ ତିନି ଜଣ ଲୁଟେରା ତାଙ୍କୁ ମାଡ ମାରି ଟଙ୍କା ବ୍ୟାଗକୁ ଲୁଟି ନେଇଥିଲେ। ପରେ କର୍ମଚାରୀ ଜଣଙ୍କ ସୋସୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୫୧/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଅଦ୍ୟାବଧି ଲୁଟେରାଙ୍କ ସମ୍ପର୍କରେ କୌଣସି ତଥ୍ୟ ମିଳିପାରି ନ ଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଗଗନ ନାୟକ ସୂଚନା ଦେଇଛନ୍ତି।

### ପୋଲ ତଳକୁ ଖସିଲା ଟ୍ରାକ୍ଟର: ଡ୍ରାଇଭର ମୃତ

**କେନ୍ଦୁଝର, ୩୦।୭(ସ୍ୱ.ପ୍ର.):** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପୋଶି ଅରଢ଼େଇପୋଲରେ ହଳକରା ଟ୍ରାକ୍ଟର ଭାରସାମ୍ୟ ହରାଇ ପୋଲତଳକୁ ଖସି ପଡ଼ିବାରୁ ଡ୍ରାଇଭରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଝଡ଼ାପୋଶି ଗ୍ରାମର କଳାକରମହାନ୍ତ(୫୧) ପଳାଶପଙ୍ଗା ସ୍ୱଞ୍ଚ ପାଖ ଗ୍ରାମରେ ବିଲରେ ହଳକରି ଅପରାହ୍ନରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ଖବର ପାଇ ପଳାଶପଙ୍ଗା ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ପରିଡ଼ା ମୃତଦେହ ଜବତକରି ବ୍ୟବଚ୍ଛେଦପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

# ସ୍ଥାନୀୟ ନିଯୁକ୍ତି ଦାବିରେ ଆନ୍ଦୋଳନ

## ବିଚାକୁଣ୍ଡି ଖଣି

**ଯୋଡ଼ା,୩୦।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳ ତଥା ପୌରପାଳିକାର ୧୪ ନଂ ୱାର୍ଡ ବିଚାକୁଣ୍ଡି ଟାଟାଷ୍ଟିଲ ଖଣିରେ ନିଯୁକ୍ତ ଥିବା ଠିକାସଂସ୍ଥାରେ ସ୍ଥାନୀୟ ନିଯୁକ୍ତି ଦାବି କରି ଶତାଧିକ ମହିଳାପୁରୁଷ ଆନ୍ଦୋଳନ କରିଛନ୍ତି। ମଙ୍ଗଳବାର ସକାଳ ୬ଟାରେ ସ୍ଥାନୀୟ ବିଚାକୁଣ୍ଡିର ଛଣ ହଟିଂ, ଦାରିଆ ହଟିଂ, ପ୍ରେମ ବସ୍ତି ଓ ମୁଣ୍ଡା ବସ୍ତିର ମହିଳାପୁରୁଷ ଟାଟାଷ୍ଟିଲ ଖଣିରେ ନିୟୋଜିତ ଥିବା ଠିକାସଂସ୍ଥା ଅଟଓ୍ୱାଲ କାର୍ଯ୍ୟାଳୟଠାରେ ଏହି ଆନ୍ଦୋଳନ କରିଥିଲେ। ଆନ୍ଦୋଳନକାରୀ ସବିତା ପାତ୍ର, ନାନକ ପାତ୍ର, ବିଶାଳ ମୁଣ୍ଡା, ଦୁଷ୍ମନ୍ତ ପାତ୍ର ପ୍ରମୁଖଙ୍କ ଅଭିଯୋଗ ଅନୁଯାୟୀ ପୂର୍ବରୁ କାର୍ଯ୍ୟ କରୁଥିବା ଏକ ଠିକା ସଂସ୍ଥା ଅଧୀନରେ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁଥିଲେ। ଟେଣ୍ଡର ମାଧ୍ୟମରେ ଅଟଓ୍ୱାଲ ନାମକ ଠିକାସଂସ୍ଥାରେ କାର୍ଯ୍ୟ ପାଇବା ପରେ ପୂର୍ବ ଠିକାସଂସ୍ଥାରେ କାର୍ଯ୍ୟ କରୁଥିବା କେତେକ ଶ୍ରମିକଙ୍କୁ ନିଯୁକ୍ତି ଦେବା ପରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା। ଠିକାସଂସ୍ଥା ପକ୍ଷରୁ ପଦବୀ ଖାଲି ହେଲେ ନିଯୁକ୍ତି ଦିଆଯିବ ବୋଲି ସଂସ୍ଥା ପକ୍ଷରୁ ପ୍ରତିଶ୍ରୁତି ଦେଇ ଆସୁଥିବା ସ୍ଥାନୀୟ ଯୁବକମାନେ ଅଭିଯୋଗ କରିଛନ୍ତି। ବାହାର ରାଜ୍ୟରୁ କର୍ମଚାରୀ ଆଣି ଉକ୍ତ ଠିକାସଂସ୍ଥା ଏଠାରେ ନିଯୁକ୍ତି ଦେଉଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅଣଦେଖା କରାଯାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ କି ପିଅନ, ସିକ୍ୟୁରିଟି ଗାର୍ଡ, ହେଲପର ପ୍ରଭୃତି ପଦବୀ ପାଇଁ ମଧ୍ୟ ବାହାର ରାଜ୍ୟରୁ ଲୋକ ଅଣାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଦୀର୍ଘ ୧ ବର୍ଷ ହେଲା ଠିକାସଂସ୍ଥାରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ନିଯୁକ୍ତି ମିଳିପାରିନାହିଁ। ମଙ୍ଗଳବାର ଦୀର୍ଘ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଜାରି ରହିବା ପରେ ଘଟଣାସ୍ଥଳରେ ଯୋଡା ଥାନା ଆଇଆଇସି ବିଜୟକୃଷ୍ଣ ମହାପାତ୍ର ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ଏବଂ କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ନିଯୁକ୍ତି ସମ୍ପର୍କରେ ଠିକାସଂସ୍ଥା ଅଟଓ୍ୱାଲର ଅଧିକାରୀଙ୍କ ସହ ଆଇଆଇସି ବିଶଦ ଭାବେ ଆଲୋଚନା କରିଥିଲେ। ବିଚାକୁଣ୍ଡିର ବିଭିନ୍ନ ବସ୍ତି ଓ ହଟିଂର ଯେଉଁ ମାନଙ୍କୁ ନିଯୁକ୍ତି ମିଳିନାହିଁ ସେମାନଙ୍କର ତାଲିକା କରାଯାଇ ଖୁବ୍ ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଥାନା ଆଇଆଇସି ମହାପାତ୍ର କହିଛନ୍ତି।

BDS Admission Guidance
Course fee package as low as 10 lac in India

| Catagory | Eligibilty Criteria | Cut off score (Out of 720) |
|---|---|---|
| General | 50th percentile | 134 |
| OBC/SC/ST | 40th percentile | 107 |

UTKAL ACADEMY
YOUR TRUST I ଆପଣଙ୍କ ବିଶ୍ୱାସ
(A Unit of Vardham Metropolish Pvt. Ltd)
Toll-Free No: 1800 123 89 5400
BHUBANESWAR: 1190/A, Jagmohan Nagar, ITER Square, Khandagiri, 751030, Mob: 9090053338, 8917405105
BERHAMPUR: Panitanki Square, Mob: 9778162762
WEB: www.utkalacademy.com

# ୨ ମନ୍ଦିରରୁ ୩ ଲକ୍ଷ ଟଙ୍କାର ଗହଣା ଚୋରି

**ବାଲେଶ୍ୱର ଅଫିସ,୩୦।୭**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଶୋଭାରାମପୁର ଓ ବାଲିଆ ଅଞ୍ଚଳର ୨ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ୩ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସହଦେବଖୁଣ୍ଟା ଥାନା ପୋଲିସ ସହ ଡିଏସ୍‌ପି ଉମେଶ ଚନ୍ଦ୍ର ପଣ୍ଡା ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଚୋରି ଗହଣା ସମ୍ପର୍କରେ କୌଣସି ଟେର ପାଇପାରିନାହାନ୍ତି।

ଶୋଭାରାମପୁରସ୍ଥିତ ଅନ୍ଧାରୀ ମଙ୍ଗଳା ମନ୍ଦିରରେ ଚୋରମାନେ ପଶି ମା'ଙ୍କ ମୁକୁଟ, ହାର, ଚିତା ସହ ଭକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ସୁନା ଓ ରୁପା ଅଳଙ୍କାରକୁ ଚୋରାଇ ନେଇଛନ୍ତି। ସେହିପରି ବାଲିଆସ୍ଥିତ ତାରିଣୀ ମନ୍ଦିରରୁ ଚୋରମାନେ ଲକ୍ଷାଧିକ ଟଙ୍କାର ଗହଣା ଚୋରି କରି ନେଇଥିବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ସହଦେବଖୁଣ୍ଟା ଥାନାରେ ମାମଲା (ନଂ.୨୧୦/୧୯ ଏବଂ ୨୧୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହିତ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତରେ ସହାୟତା କରିଛନ୍ତି। ଏଥିସହିତ ଚୋରମାନେ ଶୋଭାରାମପୁରରେ ଥିବା ଅନ୍ୟ ଏକ ଶ୍ରୀକୃଷ୍ଣ ମନ୍ଦିରରୁ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଲୋକମାନେ ଉଠିପଡିବାରୁ ସେମାନେ ପଳାଇଥିବା ପୋଲିସ କହିଛି। ତେବେ ଖୁବ୍‌ଶୀଘ୍ର ଚୋରଙ୍କୁ ଗିରଫ କରାଯିବ ବୋଲି ଡିଏସ୍‌ପି ପଣ୍ଡା କହିଛନ୍ତି।

# କାର୍ କାଚ ଭାଙ୍ଗି ୪୦ ହଜାର ଲୁଟ୍

**ଭଦ୍ରକ ଅଫିସ, ୩୦।୭**

ଭଦ୍ରକ ଟାଉନଥାନା ଅଧୀନ ବାଇପାସ୍ ଛକ ନିକଟରୁ ମଙ୍ଗଳବାର ଅପରାହ୍ନରେ ଏକ କାର୍‌ର କାଚଭାଙ୍ଗି ୪୦ ହଜାର ୫ ଶହ ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନିକଟସ୍ଥ ଏକ ଦୋକାନୀର ସିସିଟିଭିକୁ ଯାଞ୍ଚ କରି ଲୁଟେରାଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି।ରିପୋର୍ଟ ଲେଖା ସୁଦ୍ଧା ପୋଲିସକୁ କୌଣସି ସୁରାକ୍ ମିଳିପାରି ନାହିଁ। ଧାମନଗର ବ୍ଲକ ସୋରିଷଡିହ ଗ୍ରାମର ମଞ୍ଜୁଲତା ମଲ୍ଲିକ କୌଣସି ଏକ କାମରେ ଭଦ୍ରକକୁ ଏକ ଭଡା କାର୍ (ନଂ.ଓଆର୍ ୦୨ ବି ଜେଡ୍ ୯୨୩୫) ନେଇ ଆସିଥିଲେ। ସେ ଗାଡିକୁ ବାଇପାସ୍ ଛକ ନିକଟରେ ରଖି ଏକ ଦୋକାନକୁ ଯାଇଥିଲେ।



କାଚ ଭାଙ୍ଗି ଟଙ୍କା ଲୁଟ ହୋଇଥିବା କାର୍।

ଏହି ଅବସରରେ କାର୍‌ର କାଚ ଭାଙ୍ଗି ସେଥିରେ ଥିବା ଟଙ୍କା ବ୍ୟାଗ୍ ଲୁଟି ନେଇଥିଲେ ଦୁର୍ବୃତ୍ତ। ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଜିଲାର ବିଭିନ୍ନ ସ୍ଥାନରେ ଲୁଟେରାଙ୍କ ଉପଦ୍ରବ ଲାଗି ରହିଥିବାରୁ ଏହା ସାଧାରଣରେ ଚିନ୍ତା ବଢାଇଛି।



ଜେସିବି ଦ୍ୱାରା କରତକଳକୁ ଭଙ୍ଗାଯାଉଛି।

## ବେଆଇନ କରତକଳ ଉପରେ ଚଢ଼ାଉ

# ୩ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଜବତ

**ବନ୍ତ, ୩୦।୭(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ଥାନା କୁଆଁଶ ମଡିଆ ସ୍ଥିତ ସାଳନ୍ଦୀ ନଦୀକୂଳରେ ବେଆଇନ ଭାବେ ଚାଲୁଥିବା ଏକ କାଠ ମିଲ୍ ଓ କରତକଳ ଉପରେ ମଙ୍ଗଳବାର ସକାଳେ ବନବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ସେଠାରୁ ୩ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ୫୦ ହଜାର ଟଙ୍କାର କାଠ ଜବତ ହୋଇଥିବା ଜଣାପଡିଛି। ସକାଳ ୭ଟା ସମୟରେ ଏସିଏଫ୍ ବିରାଜ ମୋହନ ମହାନ୍ତି, ମାଜିଷ୍ଟ୍ରେଟ୍ ବିଶ୍ୱନାଥ ବିଶ୍ୱାଳ ଓ ଭଦ୍ରକ ରେଞ୍ଜର ଅଫିସର୍ ରଣଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆଗରପଡା ବନପାଳ ବସନ୍ତ କୁମାର ମାଝି, ସହଜାଦ୍ ଅଲ୍ଲି ଖାନ୍, କୁମୁଦ ଚରଣ ସାହୁ ପୋଲିସ ଫୋର୍ସ ଓ ଡିଭିଜନାଲ ଫରେଷ୍ଟ ସ୍କ୍ୱାଡଙ୍କୁ ନେଇ କରତକଳ ଉପରେ ଚଢ଼ାଉ କରିଥିଲେ। ସେଠାରୁ ଯନ୍ତ୍ରାଂଶ ଓ ଚୋରା କାଠ ଜବତ ପରେ ଜେସିବି ମେଶିନ ଲଗାଇ କରତ ଷ୍ଟାଣ୍ଡକୁ ମାଟିରେ ମିଶାଇ ଦିଆଯାଇଥିଲା। ଏ ନେଇ ବନ ବିଭାଗରେ ଏକ ମାମଲା (ନଂ. ୧୩/୧୯) ରୁଜୁ କରାଯାଇଛି। ଆଗରପଡା ଥାନା ଛକଠାରୁ ମାତ୍ର ୧ କି.ମି. ଦୂରରେ ଏଭଳି ବେଆଇନ କରତକଳ ଚାଲୁଥିବା ବେଳେ ପୂର୍ବରୁ କିଭଳି ପ୍ରଶାସନର ଦୃଷ୍ଟି ପଡି ନ ଥିଲା, ତାହା ଚର୍ଚ୍ଚାର ବିଷୟ ହୋଇଛି। ବାହାର ଅଞ୍ଚଳରୁ କାଠ ଅଣାଯାଇ କରତ କଳରେ କଟା ଯାଉଥିଲା ବୋଲି ସୂଚନା ମିଳିଛି। ଏଥିପୂର୍ବରୁ ଗତବର୍ଷ ଅଣିଜୋ ପଞ୍ଚାୟତର ନରିପୁର ଗାଁ ନିକଟରେ ଏକ ଚୋରା କରତକଳକୁ ଠାବ କରାଯାଇଥିଲା। ଭିଜିଲାନ୍ସ ଓ ବନ ବିଭାଗ କର୍ମଚାରୀ ମିଳିତ ଭାବେ ଚଢାଉ କରି ଏହାକୁ ଜବତ କରିଥିଲେ।

## ୨ କଲେଜ ଛାତ୍ରୀ ଅପହରଣ

# ଡ୍ୟାନ୍ସ ମାଷ୍ଟର ଗିରଫ, ଅନ୍ୟ ଜଣେ ଫେରାର

**ଭୋଗରାଇ, ୩୦।୭ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଞ୍ଚଳ ୨ କଲେଜ ଛାତ୍ରୀଙ୍କୁ ୨ ଯୁବକ ଅପହରଣ କରି ନେଇଥିବା ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ପୋଲିସ ୩ ସନ୍ତାନର ଜନକ ମେଲୋଡି ଡ୍ୟାନ୍ସ ମାଷ୍ଟରଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଅପହରଣକାରୀ ଯୁବକଙ୍କୁ ପୋଲିସ ଖୋଜୁଛି। ଯୁକ୍ତ ୨ କଲେଜରେ ଉଚ୍ଚ ମାଧ୍ୟମିକ ପରୀକ୍ଷା ଦେଇ ପାସ୍ କରିଥିବା ୨ଜଣ ଛାତ୍ରୀଙ୍କ ବୟସ ପାଖାପାଖି ୧୭ ହୋଇଥିବା ପୋଲିସ ସୂଚନା ଦେଇଛି। ଡ୍ୟାନ୍ସ ମାଷ୍ଟର ନାରାୟଣ ମହାନ୍ତି ପଡିଆ ଗ୍ରାମର ଦୟାନିଧି ମାଝିଙ୍କୁ ପୋଲିସ ଗିରଫ କରି ଜଳେଶ୍ୱର କୋର୍ଟକୁ ପଠାଇଛି। ପୋଲିସ କହିବା ଅନୁଯାୟୀ ଡ୍ୟାନ୍ସ ମାଷ୍ଟର ଉକ୍ତ ୨ ଛାତ୍ରୀଙ୍କୁ ନାଚ ଶିଖାଉଥିଲେ। ପରେ ସେମାନେ ଗତ ଜୁନ୍ ୨୭ ତାରିଖରୁ ଗ୍ରାମରୁ ଫେରାର ହୋଇଯାଇଥିଲେ। ଜଣେ ଛାତ୍ରୀଙ୍କ ପିତା ତାଙ୍କ ଝିଅଙ୍କୁ ଅପହରଣ କରାଯାଇଥିବା ନେଇ ଚଳିତମାସ ୩୦ତାରିଖରେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଭୋଗରାଇ ଥାନାରେ ଏକ ମାମଲା (ନଂ.୧୦୮/୧୯) ରୁଜୁ ହୋଇଛି। ଡ୍ୟାନ୍ସ ମାଷ୍ଟର ଘରକୁ ଫେରିବା ପରେ ପୋଲିସ ଚଢାଉ କରି ଗିରଫ କରିଥିଲା। ଅପରପକ୍ଷେ ଚନ୍ଦନେଶ୍ୱର ଫାଣ୍ଡି ଅଞ୍ଚଳର ଜଣେ ଯୁବକ ଜଣେ ଛାତ୍ରୀଙ୍କୁ ମୋବାଇଲ ଶିଖାଇବା ବାହାନାରେ ଅପହରଣ କରିନେଇଥିବା ଛାତ୍ରୀଙ୍କ ପିତା ଚନ୍ଦନେଶ୍ୱର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୩୬/୧୯) ରୁଜୁ କରିଛି।

# ଜାଲ୍ ନିଯୁକ୍ତିପତ୍ରରେ ଚାକିରି, ଯୁବକ ଗିରଫ

**ବେତନଟୀ,୩୦।୭(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଆଞ୍ଚଳିକ ଡାକ୍ତରଖାନାରେ ଜାଲ୍ ନିଯୁକ୍ତିପତ୍ର ଦେଇ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଭାବେ ଚାକିରି କରିଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ବାଲେଶ୍ୱର ଟାଉନ ଥାନା ଅଧୀନ ସୁନହଟ ନିକଟ ବଡଖୁଆ ଗ୍ରାମର କୁରବାନ ମହମ୍ମଦ (୩୮) ବୋଲି ବୈଶିଙ୍ଗା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ କହିଛନ୍ତି। ଗତ ୨୫ ତାରିଖରେ କୁରବାନ ଏକ ନିଯୁକ୍ତିପତ୍ର ଧରି ବୈଶିଙ୍ଗା ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ତପନ ବେହେରାଙ୍କୁ ସାକ୍ଷାତ କରି ସେ ଚାକିରିରେ ଯୋଗ ଦେଇଥିଲେ। ମଙ୍ଗଳବାର ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ବିଶ୍ୱ ରଞ୍ଜନ ଦାସଙ୍କ ନିକଟରେ ପହଞ୍ଚି ସେ ନିଯୁକ୍ତିପତ୍ର ଦେଖାଇବା ପରେ ଏହା ଜାଲ୍ ବୋଲି ଜଣାପଡିଥିଲା। ଏଥିନେଇ ଡା.ଦାସ ବୈଶିଙ୍ଗା ଥାନାରେ ଅଭିଯୋଗ କରିବାରୁ ପୋଲିସ କୁରବାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିନେଇ ଥାନାରେ ଏକ ମାମଲା(ନଂ.୧୩୯/୧୯) ରୁଜୁ ହୋଇଛି। ଏହି ଜାଲ ନିଯୁକ୍ତିପତ୍ର ସେ କେଉଁଠୁ ଆଣିଲେ ଓ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଅଛି ଏନେଇ ପୋଲିସ ତଦନ୍ତ ଜାରି ରହିଥିବା ଥାନା ଆଇଆଇସି କହିଛନ୍ତି।

# ଟ୍ରେନରୁ ଖସି ଯୁବକଙ୍କ ମୃତ୍ୟୁ

**ରୂପ୍‌ସା/ବସ୍ତା, ୩୦।୭(ଡି.ଏନ.ଏ./ ସ୍ୱ.ପ୍ର.):** ବାଲେଶ୍ୱର ଜିଲା ରୂପ୍‌ସା ଓ ନୂଆଗାଁ ରେଳଷ୍ଟେଶନ ମଝି ଓଗାଳକ୍ଷଣ୍ଡ ପୋଲ ନିକଟରେ ଟ୍ରେନ୍‌ରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁର ଜିଲା ରଘୁନାଥପୁର ଅଞ୍ଚଳର ବିନୋଦ କୁମାର ଦାସ(୨୦)। ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ମଙ୍ଗଳବାର ଡାଉନ୍ ଲାଇନ୍ ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଜିଆର୍‌ପି ପୋଲିସ ଅପମୃତ୍ୟୁ ମାମଲା (ନଂ. ୬୬/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୋମବାର ରାତିରେ କୌଣସି ଏକ୍ସପ୍ରେସ୍ ଟ୍ରେନ୍‌ରୁ ଖସି ପଡ଼ି ଯୁବକଙ୍କ ମୃତ୍ୟୁ ହୋଇଛି। ଯୁବକଙ୍କଠାରୁ ମିଳିଥିବା ଆଧାରକାର୍ଡରୁ ପରିଚୟ ଜଣାପଡ଼ିଥିବା ଏଏସ୍‌ଆଇ ସୂଚନା ଦେଇଛନ୍ତି।

# ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍‌ରେ ଚଢ଼ାଉ

**ଭଦ୍ରକ ଅଫିସ, ୩୦।୭**

ଭଦ୍ରକରେ ଥିବା ବିଭିନ୍ନ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍ ଉପରେ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ସରକାରଙ୍କ ଲିଙ୍ଗ ନିରୂପଣ ଓ କନ୍ୟା ଭ୍ରୂଣ ହତ୍ୟା ବିରୋଧ ଆଇନ( ପିସିପିଏନ୍‌ଡିଟି) କଡାକଡି ଭାବେ ପାଳନ କରାଯାଉଛି କି ନାହିଁ ଏକ ଟିମ୍ ଯାଞ୍ଚ କରିଥିଲେ। ପରିବାର କଲ୍ୟାଣ ବିଭାଗର ଯୁଗ୍ମସଚିବ ଡା. ବିନୋଦ ବିହାରୀ ରଥଙ୍କ ନେତୃତ୍ୱରେ ଶ୍ରାବଣୀ ଦାସ ଓ ଭଦ୍ରକ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ମୁରଲୀଧର ନାୟକ ପ୍ରମୁଖ ଚଢାଉରେ ଅଂଶ ଗ୍ରହଣ କରିଥିଲେ। ନୂଆବଜାର ସ୍ଥିତ ଶୁଭମ୍ ନର୍ସିଂ ହୋମ୍ ସମେତ ବିଭିନ୍ନ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍‌ରେ ଏହି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟର ରିପୋର୍ଟ ସ୍ୱାସ୍ଥ୍ୟସଚିବଙ୍କୁ ପ୍ରଦାନ କରାଯିବ ବୋଲି ଏହି ଟିମ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଞ୍ଚ କରି ଫେରୁଛି।

# ଧାନ ବିକା ଟଙ୍କା ନ ପାଇ ଚାଷୀଙ୍କ ରାସ୍ତାରୋକୋ

**ଆରଡି, ୩୦।୭, (ଡି.ଏନ.ଏ.)**

ଧାନ ବିକି ପ୍ରାପ୍ୟ ପାଇ ନ ଥିବା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ସୁନ୍ଦରପୁର ଅଞ୍ଚଳର ଚାଷୀ ମଙ୍ଗଳବାର ଆଖଣ୍ଡଳମଣି–ଭଦ୍ରକ ରାଜପଥକୁ ଅବରୋଧ କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ରାସ୍ତାରୋକୋ କରାଯିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାନ ଅଟକି ରହିଥିଲା। ପୋଲିସ ଓ ବିଭାଗୀୟ ଅଧିକାରୀ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରି ଶୀଘ୍ର ପ୍ରାପ୍ୟ ଦିଆଯିବ ବୋଲି କହିବାରୁ ସେମାନେ ରାସ୍ତାରୋକୋରୁ ହଟିଥିଲେ।

ଆନ୍ଦୋଳନକାରୀ ଚାଷୀ ଦର୍ଶାଇଥିଲେ ଯେ, ସେମାନେ ଫେବୃୟାରୀରେ ସୁନ୍ଦରପୁର ସେବା ସମବାୟ ସମିତି ଅଧୀନରେ ଖୋଲା ଯାଇଥିବା ମଣ୍ଡିରେ ଧାନ ବିକିଥିଲେ। ଏହା ମଧ୍ୟରେ ପ୍ରାୟ ୬ ମାସ ବିତିବାକୁ ବସିଥିଲେ ବି ଚାଷୀଙ୍କୁ ପ୍ରାପ୍ୟ ମିଳି ନାହିଁ। ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଚାଷୀମାନେ ଅର୍ଥରାଶି ପାଇ ପାରି ନ ଥିବା ଦର୍ଶାଇଥିଲେ। ଏ ସଂକ୍ରାନ୍ତରେ ସେମାନେ ୧ ସପ୍ତାହ ପୂର୍ବରୁ



ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଥିଲେ। ଚଳିତ ମାସ ୨୭ ତାରିଖ ପୂର୍ବରୁ ଦାବି ପୂରଣ ନ ହେଲେ ସେମାନେ ୩୦ ତାରିଖରେ ରାସ୍ତାରୋକୋ କରିବେ ବୋଲି ଚେତାବନୀ ଦେଇଥିଲେ। ମଙ୍ଗଳବାର ହୋଇଥିବା ରାସ୍ତାରୋକୋରେ ଅଞ୍ଚଳର ଶତାଧିକ ଚାଷୀ ଯୋଗ ଦେଇଥିଲେ। ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଷୀମାନଙ୍କର ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା ଲାଗି ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସେମାନେ ଅଡି ବସିଥିଲେ। ଆରଡି ଫାଣ୍ଡି ଅଧିକାରୀ ବ୍ରଜ କିଶୋର ଦାସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଚାଷୀଙ୍କୁ ବୁଝାଶୁଝା କରିଥିଲେ। ପରେ ବିଭାଗୀୟ ଅଧିକାରୀଙ୍କଠାରୁ ପ୍ରତିଶ୍ରୁତି ମିଳିବାରୁ ସେମାନେ ରାସ୍ତାରୋକୋରୁ ହଟିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ଧାନ ବିକ୍ରି ବାବଦ ପ୍ରାପ୍ୟ ନ ମିଳିଲେ ପୁନଃ ରାସ୍ତାରୋକୋ କରାଯିବ ବୋଲି ଚାଷୀମାନେ ପୋଲିସ ଅଧିକାରୀଙ୍କୁ ଚେତାବନୀ ଦେଇଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

ଯୋଡ଼ା, ୩୦।୭(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କୀତାବେଡାଠାରେ ସାପ କାମୁଡାରେ ଲୋଚନ ପଲେଇ(୫୮)ଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ରବିବାର ପୂର୍ବାହ୍ନରେ ଲୋଚନ ଚାଷ କାର୍ଯ୍ୟ ପାଇଁ ତାଙ୍କ ବିଲକୁ ଯାଇଥିଲେ। ସେଠାରେ କାମ କରୁଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଯୋଡାସ୍ଥିତ ଏକ ଘରୋଇ ନର୍ସିଂ ହୋମରେ ଭର୍ତ୍ତି କରିଥିଲେ। ରବିବାର ରାତିରେ ସେ ଅଧିକ ଗୁରୁତର ହେବାରୁ ସେଠାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି।

### ପାଲା ଗାୟକଙ୍କୁ ସଂସ୍କୃତି ଜ୍ୟୋତି ଉପାଧି



କେନ୍ଦୁଝର, ୩୦।୭ (ସ୍ୱ.ପ୍ର.)- ସୁନାମଧନ୍ୟ ପାଲାଗାୟକ ତଥା ଅବସରପ୍ରାପ୍ତ ପ୍ରାଧାପକ ଡ. ଧୀରେନ ମହାନ୍ତିଙ୍କୁ ସଂସ୍କୃତି ଜ୍ୟୋତି ଉପାଧି ମିଳିଛି। ପୁରୀ ଜିଲା କୋଣାର୍କଠାରେ ଆୟୋଜିତ ଉତ୍କଳ ପାଲା ମହୋତ୍ସବ ୨୦୧୯ରେ ଶ୍ରୀଜଗନ୍ନାଥ ରାଜ୍ୟ ପାଲା ଗବେଷଣା ଓ ତାଲିମ କେନ୍ଦ୍ର ପକ୍ଷରୁ ତାଙ୍କୁ ଏହି ଉପାଧି ମିଳିଛି। ତାଙ୍କ ଲୋକପ୍ରିୟ ବିଦଗ୍ଧ ଓ ଶାସ୍ତ୍ରୀୟ ପାଲା କଳାର ଉଚ୍ଚାଙ୍ଗ ପରିବେଷଣ ଓ ମହନୀୟ ସଂସ୍କୃତିଚର୍ଯ୍ୟା ପାଇଁ ଅନୁଷ୍ଠାନ ପକ୍ଷରୁ ଏଭଳି ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଇଛନ୍ତି। ଅର୍କମଣ୍ଡଳ ପାଲା ପରିଷଦର ସଭାପତି ଉପେନ୍ଦ୍ର ନାଥ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଲା ଗବେଷଣା ଓ ତାଲିମର ସଭାପତି ତଥା ରେଡିଓ ନମସ୍କାରର ଅଧକ୍ଷ ଏମ.ଏ.ଶାହା ଅନସାରୀ, ସମ୍ପାଦକ ଗାୟକ ଆନନ୍ଦ ବସନ୍ତ କୁମାର ରାଉତ, ପଶ୍ଚିମ ଓଡ଼ିଶା ପାଲା କଳାକାର ସଂଘର ଉପଦେଷ୍ଟା ପ୍ରତାପ କୁମାର ବେଜି, ସମାଜସେବୀ ବ୍ରଜ କିଶୋର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ପ୍ରଶଂସା କରିଥିଲେ। ସେ ପୂର୍ବରୁ ବହୁ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହେବା ସହ ଉପାଧି ଲାଭ କରିଛନ୍ତି।

### ୪୭୯୭ ଛାତ୍ରୀଛାତ୍ର ଦେବେ ମେଧାବୃତ୍ତି ପରୀକ୍ଷା

ହାଟଡ଼ିହୀ, ୩୦।୭(ଡି.ଏନ.ଏ.)- ହାଟଡିହୀ ବ୍ଲକର ଡିଏମଏଫ ଯୋଜନାରେ ୪୭୯୭ ଛାତ୍ରୀଛାତ୍ର ମେଧାବୃତ୍ତି ପରୀକ୍ଷା ଦେବେ। ସୂଚନାରୁ ଜଣାଯାଇଛି ଜିଲା ଖଣି ପାଣ୍ଠି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଉପସ୍ଥାନ ବୃଦ୍ଧି ନିମନ୍ତେ ଏହି ସ୍କଲାରଶିପ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଯେଉଁ ଛାତ୍ରୀଛାତ୍ର ୭୦ ଭାଗରୁ ଉର୍ଦ୍ଧ୍ୱ ଉପସ୍ଥାନ ରଖୁଥିବେ ସେମାନେ ଏହି ସ୍କଲାରଶିପ ପରୀକ୍ଷାରେ ଭାଗ ନେଇପାରିବେ। ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ପରୀକ୍ଷା କେନ୍ଦ୍ର କରାଯିବା ପାଇଁ ସ୍ଥିର ହୋଇଛି। କେବଳ ହଦଗଡ଼ ପଞ୍ଚାୟତର ଭୌଗୋଳିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁଇଟି ପରୀକ୍ଷା କେନ୍ଦ୍ର କରାଯିବାକୁ ନିଷ୍ପତ୍ତି ହୋଇଛି। ମୋଟ ୩୨ଟି ପରୀକ୍ଷା କେନ୍ଦ୍ର ହୋଇଛି। ଏଥିରେ ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେବେ। ତୃତୀୟ ଶ୍ରେଣୀରେ ୧୬୫୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮୧୧ ଜଣ ଛାତ୍ର, ୮୪୧ ଜଣ ଛାତ୍ରୀ ଭାଗ ନେବାକୁ ଥିବା ବେଳେ ପଞ୍ଚମ ଶ୍ରେଣୀରେ ୧୬୪୮ଜଣ ପରୀକ୍ଷା ଦେବେ। ସେଥିମଧ୍ୟରୁ ୮୫୪ଛାତ୍ର, ୭୯୪ ଜଣ ଛାତ୍ରୀ ଅଛନ୍ତି। ସେହିପରି ଅଷ୍ଟମ ଶ୍ରେଣୀରେ ୧୪୯୭ଙ୍କ ମଧ୍ୟରୁ ୭୪୨ ଜଣ ଛାତ୍ର, ୭୫୫ଜଣ ଛାତ୍ରୀ ଏହି ପରୀକ୍ଷା ଦେବେ ବୋଲି ସୂଚନା ଦିଆଯାଇଛି। ଆସନ୍ତା ଅଗଷ୍ଟ ୨୪ ତାରିଖରେ ଏହି ପରୀକ୍ଷା ହେବ ବୋଲି ବିଆରସିସି ସୂଚନା ଦେଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଖଣି କମ୍ପାନୀ ପକ୍ଷରୁ ରାସ୍ତା ତିଆରି ନେଇ ବିବାଦ

ଯୋଡ଼ା, ୩୦।୭(ଡି.ଏନ.ଏ.)



ଖଣି ସମ୍ପ୍ରସାରଣ ନେଇ ବନବିଭାଗର ତଦାରଖ ।

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳ ଅଧୀନ ତଥା ଯୋଡା ସହରସ୍ଥିତ ଏକ ଘରୋଇ ଖଣି କମ୍ପାନୀ ବିନା ଅନୁମତିରେ ଜଙ୍ଗଲ ଜମିକୁ ଖୋଳି ରାସ୍ତା ସମ୍ପ୍ରସାରଣ କରୁଥିବାରୁ ବିବାଦୀୟ ସ୍ଥିତି ଦେଖାଦେଇଛି। ଏନେଇ ବନ ବିଭାଗ ନିକଟରେ କୌଣସି ତଥ୍ୟ ନ ଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି।

ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ପଶ୍ଚିମ ଯୋଡାସ୍ଥିତ ଯୋଡା ଭିୟୁଠାରୁ ହେଲିପ୍ୟାଡ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଉକ୍ତ କମ୍ପାନୀ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କରାଯିବା ଉଦ୍ଦେଶ୍ୟରେ ଖୋଳାଯାଇଛି। ଏଥିପାଇଁ କମ୍ପାନୀ ପକ୍ଷରୁ ବନବିଭାଗଠାରୁ କୌଣସି ଅନୁମତି ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଅନେକ ଖଣି କମ୍ପାନୀ ମାନେ ବିନା ଅନୁମୋଦନ , ଡି. ରିଜର୍ଭେସନ ପ୍ଲାନ ନ କରି ବେଆଇନ ଭାବେ ଜଙ୍ଗଲଜମିକୁ ଅଣ ଜଙ୍ଗଲ ଜମିରେ ଜମି ଭାବେ ବ୍ୟବହାର କରୁଛନ୍ତି। ବନବିଭାଗ ପକ୍ଷରୁ କୌଣସି ତଦାରଖ ହେଉ ନ ଥିବାରୁ ସମ୍ପୃକ୍ତ ଖଣି କମ୍ପାନୀ ମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏସମ୍ପର୍କରେ କମ୍ପାନୀର ଜଣେ ଅଧିକାରୀ ଅଭିଷେକ ମଜୁମଦାରଙ୍କୁ ପଚାରିବାରୁ କହିଛନ୍ତି ଯେ, ରାସ୍ତା ସମ୍ପ୍ରସାରଣ କରାଯାଉନାହିଁ। ପୁରୁଣା ଗାର୍ଡ ୱାଲ୍ କ୍ରାସ ବ୍ୟାରିୟର ବଦଳରେ ନୂତନ କ୍ରାସ ବ୍ୟାରିୟର ଲଗାଯିବା ପାଇଁ ମାଟି ଖୋଳାଯାଇଛି। ପରେ ତାହାକୁ ପୂରଣ କରାଯାଇଛି । ଦୁର୍ଘଟଣା ରୋକିବା ପାଇଁ ଏହା କରାଯାଉଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ବନ ବିଭାଗର ଅନୁମତି ମିଳିଛି କି ନାହିଁ ସେ ନେଇ କିଛି ସ୍ପଷ୍ଟ ପ୍ରତିକ୍ରିୟା ଦେଇ ନ ଥିଲେ। ତେବେ ଏସମ୍ପର୍କରେ କେନ୍ଦୁଝର ଡିଏଫଓ ସନ୍ତୋଷ କୁମାର ଯୋଶୀଙ୍କୁ ପଚାରିବାରୁ ଏହା କେଉଁ କମ୍ପାନୀ କରୁଛି ବୋଲି ଓଲଟା ପ୍ରଶ୍ନ କରିବା ସହିତ ଆପଣ ମାନେ କେମିତି ଜାଣିଲେ ଯେ, ତାହା ଜଙ୍ଗଲଜମି ବୋଲି କହିଥିଲେ। କେଉଁ ଉତ୍ସରୁ ଆପଣ ତାହା ଜଙ୍ଗଲଜମି ବୋଲି ସ୍ପଷ୍ଟ ହେଲେ ସେ ବିଷୟରେ ପ୍ରକାଶ କରିବା ପାଇଁ କହିଥିଲେ । ତଦନ୍ତ ସମ୍ପର୍କରେ ସେ କିଛି ନ କହି ଖବର ଲେଖିବା ପାଇଁ ଓଲଟା କହିଥିଲେ । ଯୋଡା ବନପାଳ ପିଅନ ନାଏକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଅଭିଯୋଗ ପାଇବା ପରେ ସେ ଘଟଣାସ୍ଥଳକୁ ଯାଇଥିଲେ । ଉକ୍ତ ଜାଗାଟି ଡିଏଲସି ଫରେଷ୍ଟ ଲ୍ୟାଣ୍ଡ ଥିବା ଅନୁମାନ କରାଯାଉଛି । ତେବେ ଏ ବିଷୟରେ ମ୍ୟାପ ଦେଖିବା ପରେ ହିଁ ତାହା ଜଙ୍ଗଲଜମି କି ଅଣ ଜଙ୍ଗଲ ଜମି କହିପାରିବେ ବୋଲି କହିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ କି ବିଭିନ୍ନ ଖଣି କମ୍ପାନୀ ମାନେ ବିନା ଅନୁମୋଦନରେ ଜଙ୍ଗଲଜମିକୁ ଅଣଜଙ୍ଗଲ ଜମିରେ ରୂପାନ୍ତରିତ ନ କରି ନିଜ ବ୍ୟବହାରରେ ଲଗାଉଛନ୍ତି। ବନବିଭାଗ ପକ୍ଷରୁ ଏହାର ଉପଯୁକ୍ତ ତଦାରଖ କରାଯାଉ ନ ଥିବାରୁ କମ୍ପାନୀମାନେ ମନଇଚ୍ଛା ଜଙ୍ଗଲ ଜମିକୁ ନିଜ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏନେଇ ଉଚ୍ଚ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି।

# ୯ ଶିଶୁ ଶ୍ରମିକ ଉଦ୍ଧାର

କେନ୍ଦୁଝର, ୩୦।୭ (ସ୍ୱ.ପ୍ର.)

ମଙ୍ଗଳବାର ଅପରାହ୍ନରେ ଏକ ଘରୋଇ ବସ ଉପରେ ଚଢାଉ କରି ଶ୍ରମ ବିଭାଗ ନାବାଳିକା ଶିଶୁ ଶ୍ରମିକଙ୍କୁ ସ୍ଥାନୀୟ ପୋଲିସ ସହାୟତାରେ ଉଦ୍ଧାର କରିଛନ୍ତି। ସେମାନଙ୍କ ଘର ବାଂଶପାଳ ବ୍ଲକ ଶାଗପାଳି ଅଞ୍ଚଳରେ ବୋଲି ଜଣାପଡିଛି । ଏହି ଘଟଣାରେ ସେମାନଙ୍କୁ ନେଇ ଯାଉଥିବା ଗୋଲକ ଭାରତୀ ନାମକ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଜଣାପଡିଛି । ସେମାନେ ବସରେ ପାଣିକୋଇଲି ନିକଟ ଉଚିଣ୍ଡା ଗ୍ରାମକୁ କାମ କରିବାକୁ ଯାଉଥିଲେ ବୋଲି ପ୍ରାଥମିକ ସୂଚନାରୁ ଜଣାପଡିଛି । ସେମାନଙ୍କୁ ବିଲରେ ଚାଷ କାମ ପାଇଁ ନେଉଥିଲେ ବୋଲି ସେମାନଙ୍କୁ ନେଇ ଯାଉଥିବା ଅଟକ ମହିଳା କହିଛନ୍ତି। କାମଧନ୍ଦା ମିଳୁ ନ ଥିବାରୁ ଏବଂ ଅଭାବ ଅନଟନରେ ରହିଥିବା ବହୁ ଗରିବ ଆଦିବାସୀ ଶିଶୁ ପାଠ ପଢା ଛାଡି ଏଭଳି ବାହାରକୁ କାମ କରିବାକୁ ବା ଦାଦନ ଖଟିବାକୁ ଯାଉଛନ୍ତି। ହାତ ଗଣତି କେତେକ ଘଟଣା ଧରା ପଡୁଥିଲେ ହେଁ ବହୁ ଘଟଣା ଧରାପଡୁନାହିଁ। ସେହିପରି ଏସବୁ ବେଆଇନ କାମ କରାଉଥିବା ଦଦାଲ ମାନଙ୍କ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଶିଶୁ ଶ୍ରମିକ ଚାଲାଣ ଅବାଧରେ ଚାଲିଛି ବୋଲି ଶିଶୁ ସୁରକ୍ଷା କର୍ମୀ ମାନେ ମତବ୍ୟକ୍ତ କରୁଛନ୍ତି। ଜିଲା ଶ୍ରମ କାର୍ଯ୍ୟାଳୟରେ ଥିବା ଗ୍ରାମୀଣ ଶ୍ରମ ନିରୀକ୍ଷକ କୁମୁଦିନି କବିତା ହେମ୍ବ୍ରମ, ଭରତ ଚନ୍ଦ୍ର ଦାସ ଓ ବୃନ୍ଦାବନ ଜୁଆଙ୍ଗ ଖବରପାଇ ଉକ୍ତ ବସରୁ ଅପରାହ୍ନ ସାଢ଼େ ୪ଟାରେ ଶିଶୁଙ୍କୁ ଉଦ୍ଧାର କରି ଶିଶୁ ଗୃହକୁ ପଠାଇଥିବା ଜଣାପଡିଛି ।

# ଅଧିକାରୀଙ୍କ ଅନୁପସ୍ଥିତିରେ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଚମ୍ପୁଆ, ୩୦।୭(ଡି.ଏନ.ଏ.)

ଚମ୍ପୁଆ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ନିମନ୍ତେ ପଞ୍ଚାୟତସ୍ତରରେ ଏମଜିଏନଆରଇଜିଏସ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ଚମ୍ପୁଆବ୍ଲକ ଅଧୀନରେ ଥିବା ପଡୁଆ, ସଡଙ୍ଗି, ଜ୍ୟୋତିପୁର, ଜଜପଶି, ଭୂଇଁପୁର ଓ ଜାଲି ଆଦି ପଞ୍ଚାୟତରେ ମଙ୍ଗଳବାର ଏହି ସାମାଜିକ ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ଅଧିକାରୀଙ୍କ ଅନୁପସ୍ଥିତି ବୈଠକର ସଫଳତାକୁ ନେଇ ପ୍ରଶ୍ନ ଉଠିଛି। ଆବଶ୍ୟକ ପ୍ରଚାର ଅଭାବରୁ ବୈଠକରେ କମସଂଖ୍ୟକ ଗ୍ରାମବାସୀଙ୍କ ଉପସ୍ଥିତି ନିହାତି ନୈରାଶ୍ୟଜନକ। ବୈଠକରେ ପଞ୍ଚାୟତର ୨୦୧୮/୧୯ ଆର୍ଥକ ବର୍ଷର ବିଭିନ୍ନ ଉନନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବାକୁ ପୂର୍ବରୁ ଧାର୍ଯ୍ୟ ହୋଇଥିଲା। ଏହି ବୈଠକରେ ଜଣେ ନୋଡାଲ ଅଫିସର, ବିଭାଗୀୟ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ, ଭିଆରପି, ସ୍ଥାନୀୟ ସରପଞ୍ଚ ପ୍ରମୁଖ ରହିବା କଥା। ମାତ୍ର ପଞ୍ଚାୟତ କର୍ତ୍ତୃପକ୍ଷ ରହିଥିଲେହେଁ ବିଭାଗିୟ କନିଷ୍ଠ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହୁଛନ୍ତି। ଏଥିଲାଗି ଲୋକେ ନିରାଶ ହେଉଛନ୍ତି।

# ପଟ୍ଟା ଅଛି, ଜମି ମିଳିନି

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୩୦।୭

ଆଦିମ କାଳରୁ ଜଙ୍ଗଲାଞ୍ଚଳରେ ରହିଆସୁଥିବା ବନବାସୀଙ୍କୁ ସେମାନଙ୍କ ଦଖଲ ଜମିର ପଟ୍ଟା ପ୍ରଦାନ ପାଇଁ ଜଙ୍ଗଲଜମି ଅଧିକାର ଆଇନ ୨୦୦୮ ମସିହାରୁ କାର୍ଯ୍ୟକାରୀ ହୋଇଛି। ଏହି ଆଇନ ବଳରେ ଗରିବ ଜମିହୀନ ଆଦିବାସୀ ପରିବାରକୁ ୧୦ ଏକର ପର୍ଯ୍ୟନ୍ତ ଜଙ୍ଗଲଜମି ପଟ୍ଟା ଦେବା ବ୍ୟବସ୍ଥା ହୋଇଛି । ଜବରଦଖଲକାରୀଙ୍କ ଆଖ୍ୟା ପାଇ ଆସୁଥିବା ବନବାସୀମାନେ ଜମି ପଟ୍ଟା ପାଇ ବେଶ୍ ଖୁସି ବ୍ୟକ୍ତ କଲେ। କିନ୍ତୁ ବହୁ ପରିବାର ଦୀର୍ଘ ବର୍ଷ ହେଲା ଜମି ପଟ୍ଟା ପାଇଥିଲେ ହେଁ ଚିହ୍ନଟ ହେଉ ନ ଥିବାରୁ ଜମି କେଉଁଠି ଅଛି ଜାଣି ପାରୁନାହାନ୍ତି। ଫଳରେ ଜମି ପଟ୍ଟାଧାରୀ ଏଣେ ତେଣେ ଧାଇଁ ଧାଇଁ ନୟାନ୍ତ ହୋଇଥିଲେ ହେଁ ଜମି ଚିହ୍ନଟ ହେଉ ନ ଥିବାରୁ ନିରାଶ ହୋଇ ଆଶା ହରାଇ ବସିଛନ୍ତି। ଏଣୁ ବାଧ ହୋଇ ଜମିହରା ଭଳି ଜୀବନ କାଟିବା ସହ ପୋଡୁଚାଷ କରି ପରିବାର ଚଳାଇବାକୁ ବାଧ ହେଉଥିବା କହିଛନ୍ତି। ଏସମ୍ପର୍କରେ ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନାରାୟଣ ମୁର୍ମୁଙ୍କୁ ପଚାରିବାରୁ ଜମି ଅଛି ବୋଲି ପଟ୍ଟା ପାଇଛନ୍ତି। ତେବେ ରାଜସ୍ୱ ବିଭାଗ ଜମିର ଚିହ୍ନଟ କରୁଛି । କାହିଁକି ବିଳମ୍ବ ଘଟୁଛି ସେ ନେଇ ସମୀକ୍ଷା କରାଯାଉଛି।

ଏଠାରେ ସୂଚନା ଯୋଗ୍ୟ ଯେ, ତୃଣମୂଳ ସ୍ତରରେ ଜମି କିଏ ଓ କେତେ ପାଇବ ଗ୍ରାମସଭାରେ ନିଷ୍ପତ୍ତି ହୋଇଥାଏ । ତେବେ ବହୁ ଆଦିବାସୀ ଯେତିକି ଜମି ଆବେଦନ କରିଛନ୍ତି। ସେତିକି ପାଇ ନ ଥିବା ଅଭିଯୋଗ ହେଉଛି। ବାଂଶପାଳ ବ୍ଲକର ଗୋନାସିକା ପଞ୍ଚାୟତର ଜୁଆଙ୍ଗ ଜନଜାତିର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଗୁପ୍ତଗଙ୍ଗା ଗ୍ରାମରେ ଏଭଳି ଅଭିଯୋଗ ହେଉଛି

ବିଭୀଷଣ ଜୁଆଙ୍ଗ କହିଛନ୍ତି ଯେ, ୪୯ ଡିସିମିଲ ଜମିର ପଟ୍ଟା ବହୁ ବର୍ଷ ହେଲା ପାଇଛନ୍ତି। କିନ୍ତୁ ଜମି କେଉଁଠି ଅଛି ସେ ଜାଣିନାହାନ୍ତି। ସେଥିଲାଗି ଚାଷ କରିପାରୁନାହାନ୍ତି। ୩ ପୁଅ ଝିଅ ଓ ସ୍ତ୍ରୀଙ୍କୁ ନେଇ ପରିବାର ଚଳାଇବା କଷ୍ଟକର ହେଉଛି । ଫଳରେ ପୋଡୁଚାଷ କରି ଚଳୁଛନ୍ତି।

ସେହିପରି ସାଧବ ଜୁଆଙ୍ଗ କହିଛନ୍ତି ଯେ, ତାଙ୍କୁ ୬୫ ଡିସିମିଲି ଜମିର ପଟ୍ଟା ମିଳିଛି। କିନ୍ତୁ ଏବେ ସୁଦ୍ଧା ଜମି ଚିହ୍ନଟ ହୋଇନାହିଁ। ସେମାନଙ୍କ ବ୍ୟତୀତ ଉକ୍ତ ଗ୍ରାମର ବଳରାମ ଜୁଆଙ୍ଗ, ରବୀନ୍ଦ୍ର ଜୁଆଙ୍ଗ, ଅର୍ଜୁନ ଜୁଆଙ୍ଗ, ପ୍ରଶାନ୍ତ ଜୁଆଙ୍ଗ ମଧ୍ୟ ପଟ୍ଟା ପାଇ ଜମିର ବ୍ୟବହାର କରିପାରୁନଥିବା କହିଛନ୍ତି।

ପ୍ରକାଶ ଯେ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ମସିହାରେ ଆରମ୍ଭ ହୋଇଥିଲେ ହେଁ କେନ୍ଦୁଝର ଭଳି ବଣପାହାଡ଼ ଘେରା ଆଦିବାସୀ ଜିଲାରେ ଏହି ଆଇନ କାର୍ଯ୍ୟକାରୀ କରାଯାଇ ପଟ୍ଟା ବଣ୍ଟନ କାର୍ଯ୍ୟ ୨୦୦୮ ମସିହାରୁ ଆରମ୍ଭ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଅଦ୍ୟାବଧି ସମୁଦାୟ ୫୯,୧୮୫ ଆବେଦନ ଅନୁମୋଦନ ହୋଇଥିବା ବେଳେ ୫୮, ୪୩୯ ପଟ୍ଟା ବଣ୍ଟନ ହୋଇପାରିଛି। ଅବଶିଷ୍ଟ ୭୪୬ ପଟ୍ଟା ପ୍ରସ୍ତୁତ ଚାଲିଥିବା କୁହାଯାଉଛି।

## ସ୍ୱାଧୀନତା ଦିବସ ପାଳନ ଲାଗି ପ୍ରସ୍ତୁତି

ତେଲକୋଇ, ୩୦।୭(ଡି.ଏନ.ଏ.)

ତେଲକୋଇ ବ୍ଲକ ମୁଖ୍ୟାଳୟ ସଭା ଗୃହରେ ଆସନ୍ତା ସ୍ୱାଧୀନତା ଦିବସକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦିଲୀପ କୁମାର ବାରାଙ୍କ ଅଧକ୍ଷତାରେ ତହସିଲଦାର ଅଶ୍ୱିନୀ କୁମାର, ବ୍ଲକ ପଞ୍ଚାୟତ ଅଧିକାରୀ ବିଶ୍ୱନାଥ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଅନ୍ତର୍ଭୁକ୍ତ ରହିଥିଲେ। ସେହିପରି ବିଭିନ୍ନ ସ୍କୁଲ ,ହାଇସ୍କୁଲ ଓ କଲେଜ କର୍ତ୍ତୃପକ୍ଷ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପ୍ରସ୍ତୁତ ଅନୁଯାୟୀ ପ୍ରାତଃକାଳ ରାମଧୁନ ପରେ ଚାରିଗଡ ମହାବିଦ୍ୟାଳୟର ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ପତାକା ଉତ୍ତୋଳନ କରାଯିବା ପରେ ଛାତ୍ରୀଛାତ୍ରଙ୍କ ପରେଡ ଅଭିବାଦନ ଗ୍ରହଣ କରାଯିବ। ଏହାପରେ ଦେଶାତ୍ମବୋଧକ ସଙ୍ଗୀତ ଏବଂ ଗ୍ରୁପ ଡ୍ୟାନ୍ସ ପରିବେଷଣ କରାଯିବ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ତହସିଲଦାର ଯୋଗ ଦେବେ ବୋଲି ନିଷ୍ପତ୍ତି ନିଆଯାଇଛି।

## ପାଟଣାରେ ସମୀକ୍ଷା ବୈଠକ

ପାଟଣା, ୩୦।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକର ୭ ପଞ୍ଚାୟତରେ ମଙ୍ଗଳବାର ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ପାଟଣା, ଟାଙ୍ଗରପଡା, ମିରିଗିଖୋଜି, ଯମୁନାପଶି, କଣ୍ଟିଆପଡା, କେନ୍ଦେଇପଶି ଓ ଚାକୁଣ୍ଡାପାଳ ପଞ୍ଚାୟତ ସଭାଗୃହରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ବାର୍ଦ୍ଧକ୍ୟ, ବିଧବାଭତ୍ତା ସମ୍ପର୍କରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଡିଓ, ଏପିଓ, ଜିପିଓ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସ୍ୱୟଂ ସହାୟିକା ଗୋଷ୍ଠୀ, ଗ୍ରାମସାଥୀ , ଗ୍ରାମ ସଂଯୋଜକ , କୃଷକ ସାଥୀ ,ଜଳ ବିଭାଜିକା କର୍ମଚାରୀ ଓ ୱାର୍ଡ ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ।

# ୭ ମାସ ପରେ ଡାକ୍ତର ନିଯୁକ୍ତି

ଢେଙ୍କିକୋଟ, ୩୦।୭(ଡି.ଏନ୍.ଏ.)



ଧରିତ୍ରୀ ପ୍ରଭାବ

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଆଦିବାସୀ ଅଧ୍ୟୁଷିତ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୭ମାସ ହେଲା ଡାକ୍ତର ନ ଥିବାରୁ ଗରିବ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଶୀର୍ଷକ ପାଠ ଅବ୍ୟବସ୍ଥା ଘେରରେ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଧରିତ୍ରୀରେ ଗତ ୨୪ ତାରିଖରେ ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ହେବାରୁ ଏଠାକୁ ଚଳିତ ବର୍ଷ କଟକ ଏସ୍‌ସିବି ମେଡ଼ିକାଲ କଲେଜରୁ ଡାକ୍ତରୀ ପାସ୍ କରିଥିବା କେନ୍ଦୁଝର ଜିଲା ତୁର୍ମୁଙ୍ଗା ନୂଆଗାଁ ଗ୍ରାମର ଡାକ୍ତର ଲକ୍ଷ୍ମଣ କୁମାର ମହାନ୍ତଙ୍କୁ ନୂତନ ଡାକ୍ତର ଭାବେ ନବନିଯୁକ୍ତ ଦେଇଛନ୍ତି। ଡାକ୍ତର ଲକ୍ଷ୍ମଣ କୁମାର ମହାନ୍ତ ମଙ୍ଗଳବାର କେନ୍ଦୁଝର ଜିଲା ଆରାଧ୍ୟା ଦେବୀ ମା' ତାରିଣୀଙ୍କୁ ଦର୍ଶନ କରି ଅପରାହ୍ନ ୪ଟାରେ ଆସି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରେ ଯୋଗଦେଇ ରୋଗୀ ସେବା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ନୂତନ ଭାବେ ଡାକ୍ତର ନିଯୁକ୍ତି ଦେଇଥିବାଆରୁ ଢେଙ୍କିକୋଟ ଅଞ୍ଚଳର ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ବ୍ୟକ୍ତିବିଶେଷ ଙ୍କ ସମେତ ଢେଙ୍କିକୋଟ ବିକାଶମଞ୍ଚ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅପରାହ୍ନରେ ଡାକ୍ତରଙ୍କୁ ଭେଟି ବିକାଶ ମଞ୍ଚର ସଦସ୍ୟ ତଥା ସାମ୍ବାଦିକ ନୀଳମଣି ମଣ୍ଡଳ, ନୃସିଂହନାଥ ସିଂ, ବଣିକ ସଂଘ ସଦସ୍ୟ, ଲଲାଟେନ୍ଦୁ ସାହୁ, ଜଗନ୍ନାଥ ମହାନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଏଠାରେ ଫାର୍ମାସିଷ୍ଟ ଜଣେ ଆବଶ୍ୟକ ବୋଲି ସାଧାରଣରେ ଦାବି ମଧ୍ୟ ହେଉଛି।

# ୨ ଅଭିଯୁକ୍ତ ଗିରଫ

ପାଟଣା, ୩୦।୭(ସ୍ୱ.ପ୍ର.)

**୧୬ ହଜାର ଟଙ୍କା ପାଇଁ ବୃଦ୍ଧଙ୍କୁ ହତ୍ୟା ଘଟଣା**

■ ଗାଁରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ପଞ୍ଚାୟତ ଫୁଲପାହାଡ଼ି ଗ୍ରାମର ଭାଲୁଘରା ସାହିର ୫୫ ବର୍ଷୀୟ ବୃଦ୍ଧ କାଦେ ମାଝୀଙ୍କୁ ଗତ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ୧୬ହଜାର ଟଙ୍କା ପାଇଁ ସଂଘବଦ୍ଧ ଭାବେ ଆକ୍ରମଣ କରି ଗାଁ ଦାଣ୍ଡରେ ହତ୍ୟାକରିବା ପରେ ଘର ସମ୍ମୁଖରେ ଫିଙ୍ଗି ଦେଇଥିଲେ। ସକାଳୁ କାଦେଙ୍କ ପୁଅ ଫାଗୁ ବାପାଙ୍କ ମୃତ ଦେହ ଦେଖିବା ପରେ ସ୍ଥାନୀୟ ଗ୍ରାମରକ୍ଷୀଙ୍କୁ ଖବର ଦେଇଥିଲେ। ଶନିବାର ପାଟଣା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ପାଟଣା ପୋଲିସ ଏକ ମାମଲା (ନଂ.୯୩/୧୯) ରୁଜୁ କରି ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏହି ହତ୍ୟାକାଣ୍ଡ ଘଟଣାରେ ଆହୁରି ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ପର୍ଯ୍ୟାୟ କ୍ରମେ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ ସୂଚନା ଦେଇଛନ୍ତି। ଭାଲୁଘରା ଗ୍ରାମରେ ସମ୍ଭାବ୍ୟ ଉତ୍ତେଜନାକୁ ଆଖିଆଗରେ ରଖି କୁଣ୍ଡଳାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ଅଙ୍ଗନୱାଡି କେନ୍ଦ୍ର ସ୍ଥାନାନ୍ତର ଦାବି

ଝୁମ୍ପୁରା, ୩୦।୭(ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନୟାଗଡ ପଞ୍ଚାୟତର କାର୍ଯ୍ୟାଳୟ ପରିସରରେ ରହିଥିବା ଅଙ୍ଗନୱାଡି କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି। ସୂଚନା ଯୋଗ୍ୟ ପଞ୍ଚାୟତ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ରଟି ରାସ୍ତା ପାର୍ଶ୍ୱରେ ରହିଛି। ଉକ୍ତ ରାସ୍ତାରେ ପ୍ରତ୍ୟେହ ଶହ ଶହ ସଂଖ୍ୟାରେ ଖଣିଜ ବୋଝେଇ ଟ୍ରକ ଯାତାୟାତ କରୁଥିବା ବେଳେ ଟ୍ରଫିକ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଙ୍ଗନୱାଡିରୁ ଉକ୍ତ ରାସ୍ତା ଦେଇ ଛୋଟ ଛୋଟ ଶିଶୁ ମାନେ ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି। ଏଥିପାଇଁ ଅଙ୍ଗନୱାଡିରେ ଶିଶୁଙ୍କର ଉପସ୍ଥାନ ସଂଖ୍ୟା ମଧ୍ୟ କମି କମି ଚାଲିଛି। ଏହା ବ୍ୟତୀତ ଅଙ୍ଗନୱାଡି ଛାତ ପରିସର ବହୁତ ଛୋଟ ହୋଇଥିବାରୁ ଶିଶୁମାନେ ଏକାଠି ବସି ପାଠ ପଢି ପାରୁ ନାହାନ୍ତି କି ରନ୍ଧାଖାଦ୍ୟ ମଧ୍ୟ ଖାଇପାରୁ ନାହାନ୍ତି। ମୁଖ୍ୟତଃ ରାସ୍ତା ପାର୍ଶ୍ୱରେ ଅଙ୍ଗନୱାଡି ରହିଥିବା ହେତୁ ଅଭିଭାବକ ମାନେ ଶିଶୁଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ଛାଡିବା ପାଇଁ ଅନିଚ୍ଛା ପ୍ରକାଶ କରିଥିବା ବେଳେ ନୟାଗଡ ସ୍କୁଲ ପରିସରକୁ କିମ୍ବା ପାର୍ଶ୍ୱକୁ ଅଙ୍ଗନୱାଡି କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେବାକୁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏସମ୍ପର୍କରେ ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରାଙ୍କୁ ପଚାରିବାରୁ ଅଙ୍ଗନୱାଡି କେନ୍ଦ୍ରର ସ୍ଥିତି ଦେଖିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ବାରଣ୍ଡାରେ ଚାଲିଛି ପାଠପଢ଼ା

ହାଟଡ଼ିହୀ, ୩୦।୭ (ଡି.ଏନ.ଏ.)



ବାରଣ୍ଡାରେ ଶିଶୁ ପାଠ ପଢୁଛନ୍ତି।

ସରକାର ଅଙ୍ଗନୱାଡ଼ି ପାଇଁ ଯୋଜନାମାନ କରି ସ୍ୱାସ୍ଥ୍ୟ ପରିବେଶ ଓ ଉନ୍ନତ ମାନର ଗୃହ ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି। ପ୍ରଶାସନର ଅବହେଳା ପାଇଁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ବହୁ ଅଙ୍ଗନୱାଡ଼ିର ଗୃହ ନ ଥିବାରୁ ବାରଣ୍ଡା ଓ ଅସ୍ୱାସ୍ଥ୍ୟକର ପରିବେଶରେ କେନ୍ଦ୍ର ଗୁଡ଼ିକ ଚାଲିଛି। ଯାହାଫଳରେ ସରକାରଙ୍କ ଯୋଜନା ବାଟବଣା ହୋଇଛି।

ଏଭଳି ଆଦିବାସୀ ବହୁଳ ଜଡ଼ାବାଙ୍କ ଅଙ୍ଗନୱାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳ ଡିଏମଏଫ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପରେ ଏହାର ସୁଧାର ଆସିବ ବୋଲି ଏ ଅଞ୍ଚଳର ଲୋକମାନେ ଭାବିଥିଲେ । କିନ୍ତୁ ଡିଏମଏଫ ଯୋଜନାର ଅର୍ଥ ଠିକ କାମରେ ଲାଗୁ ନ ଥିବା ଏଥିରୁ ଅନୁମେୟ । ଉକ୍ତ ଅଙ୍ଗନୱାଡ଼ିରେ ୪୫ ଛାତ୍ରୀଛାତ୍ର ଶିକ୍ଷାଦାନ କରୁଛନ୍ତି । କିଛିଦିନ ଅଙ୍ଗନୱାଡ଼ି କର୍ମୀଙ୍କ ଘର ବାରଣ୍ଡାରେ ଦୟନୀୟ ଅବସ୍ଥାରେ ଚାଲୁଥିବା ବେଳେ ଏବେ ଅସୁରକ୍ଷିତ ଆଜବେଷ୍ଟ ବିଦ୍ୟାଳୟ ଶ୍ରେଣୀଗୃହ ବାରଣ୍ଡାରେ ଶିକ୍ଷାଦାନ ଚାଲିଛି। ଉକ୍ତ ଘରଟିର କାନ୍ଥ ଓ ଘରର କାଠ ଭାଙ୍ଗି ଯାଇଛି। ସେହି ଅସୁରକ୍ଷିତ ଗୃହ ବାରଣ୍ଡାରେ କୋମଳମତୀ ଶିଶୁଙ୍କୁ ବସାଇ କାମଚଳା ଶିକ୍ଷାଦାନ ଚାଲିଛି । ମେଘ ହେଲେ କୋମଳମତୀ ଛାତ୍ରୀଛାତ୍ର ମାନେ ଚଟେଇ ଓ ପଟିକୁ ଧରିବା ସହିତ ବହି ସ୍ଲେଟକୁ ଧରି ଠିଆହୋଇ ରହିଥାନ୍ତି। ସୂଚନାରୁ ଜଣାଯାଇଛି ଯେ ୨୧୯ଟି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରୁ ୧୦୯ଟି କେନ୍ଦ୍ରର ନିଜସ୍ୱ ଗୃହ ଅଛି । ୧୧୦ ଟି କେନ୍ଦ୍ରର ଗୃହ ନାହିଁ। ଏଥିମଧ୍ୟରୁ ୬୪ଟି କେନ୍ଦ୍ର ବିଭିନ୍ନ ବିଦ୍ୟାଳୟର ଶ୍ରେଣୀଗୃହ ଓ ବାରଣ୍ଡାରେ ଚାଲୁଛି। ୫ଟି କେନ୍ଦ୍ର ଅଙ୍ଗନୱାଡି ହେଲପରଙ୍କ ଘରେ ଚାଲିଛି। ୨୭ଟି କେନ୍ଦ୍ର ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ଚାଲିଛି। ୧୪ ଟି କେନ୍ଦ୍ର ଅନ୍ୟାନ୍ୟ ସ୍ଥାନରେ ଚାଲିଛି । ଆଉ କେତେକ କେନ୍ଦ୍ର ଗଛମୂଳେ ଚାଲୁଥିବା ନଜରକୁ ଆସିଛି । ଘର ନ ଥିବାରୁ ପାନୀୟ ଜଳରେ ମଧ୍ୟ ସମସ୍ୟା ଦେଖାଦେଇଛି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବା ସହିତ ନୂତନ ଗୃହ ଯୋଗାଇଦେବାକୁ ଦାବି ହୋଇଛି।